# ଶବରୀ ସନ୍ଦେଶ



ହେମଚନ୍ଦ୍ର ଆଚାର୍ଯ୍ୟ

## ରାଗ-ମଙ୍ଗଳ କାମୋଦୀ

ଶ୍ୟାମ ଦୂର୍ବାଦଳ ନବଜଳଧର ବରନ ନେଇ ବିଶ୍ୱେଶ !
ଶ୍ରୀତନୁ କାନ୍ତିରେ ଭୁଲି ବିଭ୍ରାନ୍ତିରେ ଅର୍ଜିବି ସିନା ଅଯଶ
ଶାନ୍ତାକାର ! ଶ୍ରୀରୂପ ନ ଦେଖି ଲେଶ,
ଶୁଣା କାହାଣୀରେ ବଶ ହୋଇ ପ୍ରଭୁ ! ଆପଣାଇବି କି କ୍ଲେଶ ? ।୧।

ସର୍ବଗୁଣ ଶୋଭା ଜଗନ୍ମନଲୋଭା ବୋଲି କି ମୁଁ ଜଗଦୀଶ
ଶ୍ରୀମୁଖ-ସୌମ୍ୟତା ସହିତ ସମତା ରଖି ନ ହେବି ହତାଶ ?
ଶଶଧର, ଶ୍ରୀପଦ-ନଖ ପ୍ରକାଶ
ଶିରେ ଧେନବାକୁ ଶିର ପିଟି, ଶିର-ସର୍ବସ୍ୱେ ଲଭେ ବିନାଶ ।୨।

ଶ୍ରମ କରି କେତେ ଶ୍ରମଣ ସମାଜ ଭ୍ରମଣେ ରଖି ଆବେଶ
ଶାସ୍ତ୍ର ପୁରାଣକୁ ଶସ୍ତ୍ର କରି ବତ ନ ଦେଖନ୍ତି ତୁମ ବେଶ
ଶ୍ରୀବାଞ୍ଛିତ ! ଶୁଚିତା, ସୁଚିତ୍ତ ପାଶ
ଶକତ କରି ଯେ ଭକତ ରଖଇ ତାହାକୁ ଦିଅ ଦରଶ ।୩।

ଶବରୀ ଲଲନା ଶ୍ରୀଗୁରୁ-କରୁଣା ପାଇ ପାଇଲା ନିର୍ଦ୍ଦେଶ
"ଶୁଦ୍ଧଥିଲେ ମନ ନିଜେ ଭଗବାନ ପୁରେ କରିବେ ପ୍ରବେଶ"
ଶ୍ରୀରାଘବ ! ଶୂଦ୍ରା ନାରୀ ସେ ବାଲୀଶ
ଶ୍ରୀମୁଖେ କ୍ଷେପିଲ ଶ୍ରମାହୃତ ଫଳ ଦେଲ ଯା ଚାଖି ଅବଶ୍ୟ ।୪।

ଶ୍ରୀରାମ ତନୁଜ ବିଦ୍ୟାଧର ଦ୍ୱିଜ ତାହାଙ୍କ ସୁତ ସୁଧୀଶ
ଶ୍ରୀଡ଼ୋଲାମଣିଙ୍କ ସୁତ ହେମଚନ୍ଦ୍ର ସଦା ଅଜ୍ଞତା-ବିବଶ
ଶ୍ରମକୁଣ୍ଠ ଶାସ୍ତ୍ରଜ୍ଞାନ ନାହିଁ ଲେଶ,
ଶୁଦ୍ଧ ହୃଦପୁରେ ଭଜନାହିଁ କେବେ ନେଉଛି ଲେଖିବା କ୍ଲେଶ ।୫।

—o—

ରାଗ-ବସନ୍ତ

ଶ୍ରୀରାମ ଆଶ୍ରମ ସାରି ଚିତ୍ରକୂଟେ ପଞ୍ଚବଟୀ କଲେ ପ୍ରବେଶ
ନିଶ୍ୱାସ ଶରୀର ସୀତାଙ୍କୁ ହରାଇ ବିଷଣ୍ଣ ମନ ଅହର୍ନିଶି
ଶ୍ରୀକାନ୍ତ, ଶମିବ ବୋଲି ମନ-କ୍ଲେଶ
ଶ୍ରମ ଭ୍ରମଣରେ ନ ମଣି, ମଣନ୍ତି କାନନ ଉଆସ ସଦୃଶ ।୧।

ଶୋଇଥାନ୍ତି କାହିଁ ପଥର ଉପରେ ଅନୁଶୋଚନା ନାହିଁ ଲେଶ
ବିଛାଯାଇ କୋମଳ ପତ୍ର, ଉପାଧାନ କରିଥାନ୍ତି ଶ୍ରୀକର-କୁଶ
ଶ୍ୟାମଳ ଶାଦ୍ୱଳେ କରି ଉପବେଶ
ଶୁଣିବାକୁ ସଦା ତୁହିଁ ବସିଥାନ୍ତି କହିବ କେ ପ୍ରିୟା ସନ୍ଦେଶ ।୨।

ମିଳିଲ କେବେ ବା ଛବିଲ ହୁଅଇ କରିବାକୁ ଦୁଃଖ ବିନାଶ
ଶଶୀ କର ମଥାମଣି କି ରଜନୀ ନାଚି ନାଚି, ନୁହେଁ ନିରାଶ
ଶ୍ୟାମଳ ଶୋଭାରେ କାନନ ସୁବେଶ
ଶ୍ରୀପତି ଆଗରେ ଶିଖି ପରଶଇ ରଚି ନୂତନ ପକ୍ଷବେଶ ।୩।

ଶାନ୍ତ ହେବ ବୋଲି କାନ୍ତ ମନୋଦୁଃଖ ପ୍ରକୃତି କରି କଲ ଆଶା
ଶୋଭାରାଣି ଆଗେ ସଜାଡ଼ି ସଜାଗ ରହୁଥିଲା ଦିବସ ନିଶା
ଶାଶ୍ୱତ ଶୁଭର ଯା ପାଦେ ପ୍ରକାଶ
ଶିବ ସୁନ୍ଦର ସତ୍ୟର ଯେ ମୂରତି ଅଶୁଭର କାହିଁ ସ୍ପରଶ ? ।୪।

ଶୁଦ୍ଧଚେତା ଊର୍ଦ୍ଧ୍ୱରେତା ତପୋନିଷ୍ଠ ଦେଖିବେ ସାକାରେ ବିଶ୍ୱେଶ
ଶତଶତ ବରଷରୁ ବଞ୍ଚିଛନ୍ତି କରିବେ କପଟ ନିରାଶ
ଶ୍ରୀରାମ ଶମନାଧୀନ ନରବେଶେ
ସଂସାରେ ଫସାରେ ଧନ କାଟୁଛନ୍ତି ନରୋତ୍ତମ ଚିତ୍ତ-ଆବେଶେ ।୫।

—o—

ରାଗ-ବଙ୍ଗଳାଶ୍ରୀ

ଶୈଳରେ ସୁଉଚ୍ଚ ସଂଯମରେ ସ୍ୱଚ୍ଛ ମତଙ୍ଗ ଭୃଙ୍ଗ ତପୀଶ
ଶାନ୍ତ ଦାନ୍ତ ମନେ ରମ୍ୟକାନ୍ତ ବନେ ରମନ୍ତି ଶ୍ରୀ ପରମେଶ ।୧।

ଶ୍ୟାମ ବନାନ୍ତରେ ସାମାଦି ଧ୍ୱନିରେ ନାଦିତ କରି ବାଗୀଶ
ଶିଷ୍ୟଙ୍କୁ ଆଶିଷ ଦେଇ ତାପସୀଶ ଥାଆନ୍ତି ଯୋଗେ ଯୋଗୀଶ ।୨।

ଶ୍ୱାପଦେ ନିରତ ହିଂସାରୁ ବିରତ ଥାଆନ୍ତି ତପୀ ଆଶୀଷାଶୀ
ଶାକାହାରେ ନିରାହାରେ ଶୋକ ନାହିଁ ହେଲେହେଁ ସେ ଆମିଷାଶୀ ।୩।

ଶୁକ ସାରି ପିକ ମୟୂର ଡାହୁକ ଆଶ୍ରମରେ ନିରଙ୍କୁଶ
ଶ୍ଳୋକ ପାଠେ କଣ୍ଠ ମିଳାଇ ଆକଣ୍ଠ ପଢ଼ି ଅଭ୍ୟସ୍ତ କ୍ରମଶଃ ।୪।

ଶାଳ ପିଆଶାଳ ଅସନ ତମାଳ ମଥାରେ ଛୁଇଁ ଆକାଶ
ଶୀତଳ ଛାୟାରେ ଆଶ୍ରମ-କାୟାରେ ଉଡ଼ାନ୍ତି ବସ୍ତ୍ର ସଦୃଶ ।୫।

ଶ୍ରୀଫଳ ରସାଳ ବରକୋଳି ତାଳ-ଗଛ ସବୁ ପାଶେ ପାଶେ
ଶିରେ ଘେନି ଫଳ-ଭାର ଉଭାଥାନ୍ତି ଫଳାହାରୀ ସେବା ଆଶେ ।୬।

ଶେଫାଳି, ଅଶୋକ, କୁଟଜ, କଦମ୍ବ, ମଲ୍ଲୀ, ମାଳତୀ, ପଳାଶ
ଶିଖରେ ଯୋଗାନ୍ତି ଶକ୍ତି ଭକ୍ତି ନେଇ ସୁମନ ମୁକ୍ତା ସକାଶ ।୭।

ଶୀତ ଗ୍ରୀଷ୍ମାଦି ଋତୁ ଅନୁଯାୟୀ ଦେହ-ଗ୍ରାହ୍ୟ ପରିବେଶ
ଶାନ୍ତ ତପୋବନ ସାଜିଥାଏ କି ପାଇ କାହାର ନିର୍ଦ୍ଦେଶ ।୮।

ଶରତରେ କାଶ-ହାସେ ହସିଦିଏ ବରଷ ଯାକର କୁଶ
ଶ୍ୟାମ ଦୁବା ନିତି ପ୍ରାନ୍ତରେ ସାଇତି, ଦିଏ ଯା ଲାଗେ ଅବଶ୍ୟ ।୯।

ଶୁଦ୍ଧ ନୀରଧାର ପମ୍ପା ସରୋବର ଥାଇ ଆଶ୍ରମ ପାରୁଶେ
ଶୀତଳ ସଲିଳ-ସମ୍ପଦ ସମ୍ପାଦେ ପ୍ରୟୋଜନରେ ପରଶେ ।୧୦।

—○—

## ରାଗକଳହଂସ କେଦାର

ଶର୍ବରୀ ସରନାହିଁ, ପ୍ରାଚୀ ଆକାଶେ
ଶୁଭ୍ର ପ୍ରଭାତ ତାରା ଏବେ ଝଟକେ,
ଶ୍ୱାପଦ ନ ଶୋଇଣ ସ୍ୱଭାବେ ବଶେ
ଶତ ଆରବେ ନିଶା ମାପ ପ୍ରକାଶେ ଯେ ।୧।

ଶୁଦ୍ଧ କାକଳି ମଧ୍ୟେ ବିହଗ ବଂଶ
ଶ୍ରୀପତି ନାମ ଜପେ ନୋହି ଅବଶ
ଶର୍ବରୀ, ଯିବେ ବୋଲି ପତି ଶୀତାଂଶୁ
ଶ୍ୟାମଳ-ପଣ ନେତ୍ରେ ମୁଞ୍ଚଇ ଅଶ୍ରୁ ଯେ ।୨।

ଶ୍ରୁତି-ମଧୁର-ଶ୍ରୁତି ପାଠେ ମୁନୀଶ
ଶୁଦ୍ଧ ହୃଦୟେ ସ୍ମରି ଶ୍ରୀ ଅବନୀଶ
ଶିଷ୍ୟେ ଉଠାନ୍ତି "ଉଠ", ସରୁଛି ନିଶା
ଶୋଣିତାକ୍ତ ଦିଶିଲା ପୂରୁବ ଦିଶା ଯେ ।୩।

ଶଉଚ ସନ୍ଧ୍ୟା ସରୁ ଏ ଅବକାଶେ"
ଶୀଘ୍ର ପଶିଲେ ମୁନି ବନ-ପ୍ରଦେଶେ ।
ଶିଶୁ-ପାଦପ-ପାଦୁକା ପାଦ-ଦେଶେ
ଶିଷ୍ୟ-ପ୍ରମୁଖ ରୁଲେ ମୁନି ପାରୁଶେ ଯେ ।୪।

ଶ୍ରୀପତି ସ୍ମରି ଦିଅନ୍ତି ଉପଦେଶ
"ଶୁଣ, କହୁଛି ଯାହା ଗୁରୁ ଆଦେଶ
ଶୀଘ୍ର ବ୍ରହ୍ମ ଲୋକେ ସେ କରେ ପ୍ରବେଶ
ଶୁଦ୍ଧ କରେ ଯେ ଆଗେ ହୃଦୟ-ଦେଶ ଯେ ।୫।

ଶୁଚି ଅନ୍ତରେ ଲକ୍ଷି ଶ୍ରୀ ପରମେଶ
ଶ୍ରମରେ ପାଦେ ଗଲେ ସେ ନିଖିଳେଶ
ଶତ ପାଦେ ଆସନ୍ତି ପ୍ରାଣୀର ପାଶେ
ଶାନ୍ତିରେ ଜୀବ ପରମାତ୍ମାରେ ପଶେ" ଯେ ।୬।

ଶ୍ରାନ୍ତ ରମଣୀ କେଶବ ଋଷି ଅଦୃଶ୍ୟେ
ଶୁଣି ଗୁଣିଲ ଏ ବ୍ରହ୍ମ-ଉପଦେଶେ
ଶାମୁକା ଗର୍ଭେ ସ୍ୱାତୀ-ଜଳ ସଦୃଶ
ଶାନ୍ତ ଚିତ୍ତକୁ ହେଲ ଏ ଉପଦେଶ ଯେ ।୭।

ଶିଷ୍ୟ ସମ୍ମତ ଗୁରୁ ସର ଉଦ୍ଦେଶ୍ୟେ
ଶୀଘ୍ର ତା କର ଯାଉଁ, ପଦୁକା ସ୍ପର୍ଶେ
ଶିଳାଏ ଉଠି ବାଜେ ପାଦ ପାରୁଶେ
ଶୋଣିତ ବହ୍ନି କଷ୍ଟ ଦେଲ ତପୀଶେ ଯେ ।୮।

ଶରୀର-କଷ୍ଟେ କାହିଁ ଗଣନ୍ତେ କ୍ଳେଶ
ଶୀଘ୍ର ଚଳିଲେ ପମ୍ପା ସରର ପାଶ
ଶ୍ରୀପାଦ-ଚିହ୍ନ ବାଲି ନେଇ ବାଳୀଶ
ଶିରେ ଦେଇବ ବୋଲି; କଲ ପ୍ରବେଶ ଯେ ।୯।

ଶ୍ରାନ୍ତ ରମଣୀ ଏକେ ଥିଲ ଅବଶ
ଶୋଣିତ ଦେଖି ବ୍ୟସ୍ତେ ବୋଲେ ବାଳୀଶ
"ଶିଳା ନ ବୁଝେ ଶୀଳ, କର୍ମ ଉଦ୍ଦେଶ୍ୟ
ଶ୍ରୀହରି-ସେବକରେ କରେ ବିବଶ" ଯେ ।୧୦।

— ୦ —

## ରାଗ -ରାମକେରୀ

ଶିଳା କଥା ଶୁଣି ସୁଶୀଳା ଥିଲା ଅତି ବିବଶା
ଶିଥିଳ କରିବ କପଟ, ଭବେ ଏହି ଦୁର୍ଦ୍ଦଶା ।୧।

"ଶମନ-ଭୀତି ନ ପହଞ୍ଚୁ ପୁରି ପୂରୁବ ଦିଶେ
ଶଯ୍ୟା ତେଜି ନିଜେ ଆସିବ ପରିଷ୍କାର ଉଦ୍ଦେଶ୍ୟ ।୨।

ଶାଣ ଦେଲା ପରି କଣ୍ଟକ ଶିଳା ସଗତେ ମିଟି
ଶତ ଶତ ଛନ୍ତି ସତତ ପାଦେ ପିବାକୁ ପଶି" ।୩।

ଶୋଚି ଏହିପରି ସୁନ୍ଦରୀ ନିତି ନ ପାହୁଁ ନିଶା
ଶିଳା-କଣ୍ଟା-ପରିଷ୍କରଣ କରି ଦେଇଛି ନିଶା ।୪।

ଶୁଖିଲା ସମିଧ ଆହୁରି ଆହରି ଯଜ୍ଞ-ପାଶେ
ଶିରଧାରେ ଥୋଇ ଆସଇ ଆଶ୍ରମିକ ଅଦୃଶ୍ୟେ ।୫।

ଶ୍ରମ କରି ସ୍ୱାର୍ଥ-ବିହୀନ-କର୍ମେ କର୍ତ୍ତୃତ୍ୱ, ଯଶ
ଶାସ୍ତ୍ର କହେ ଯେହୁ ନ ଖୋଜେ ତାହା ସିନା ଆଦର୍ଶ ।୬।

ଶୁଦ୍ଧ ହୃଦେ କରି ଏ କାମ କିଛୁ ପାଇବା ଆଶା
ଶୂନ୍ୟ କରି ମନେ, କାନନେ ଯାପେ ଦିବସ-ନିଶା ।୭।

ଶିଷ୍ୟ ସହ ଋଷି ଜାଣିଲେ କେହି ଆସି ଅଦୃଶ୍ୟେ
ଶିଳା-କଣ୍ଟା-ହୀନ କରଇ ପଥ କେଉଁ ଉଦ୍ଦେଶ୍ୟେ ? ।୮।

ଶିଷ୍ୟ ଯେ ସମିଧ ଆହରେ କହେ ନମି ଯୋଗୀଶେ
"ଶୁଖିଲା ସମିଧ ମୋ ଆଗୁ କେହି ନିତି ପରଶେ ।୯।

ଶୁକ୍ଳ ଶିର ଅଳ୍ପ ହଲାଇ ଋଷି ଦେଲେ ଆଦେଶ
ଶିଷ୍ୟମାନେ କାଲି ଧରନ୍ତୁ ତାକୁ ନ ଦେଇ କ୍ଳେଶ ।୧୦।

—o—

## ରାଗ- କେଦାର-କାମୋଦୀ

ଶୁଭେ ଆଶ୍ରମେ ଏବେ ପ୍ରଭାତ ପଶେ
ଶାନ୍ତ-ଦର୍ଶନ-ଯୋଗୀ ଦର୍ଶନ-ଆଶେ ।୧।
ଶୀତଳ ବାତେ ଉଡ଼େ ତା ଘନ-କେଶ
ଶୁଭ୍ର-ବାସ ବନ୍ଧାରେ ମସ୍ତକ ଦେଶ ।୨।
ଶୋଣିତାଭ ପଗଡ଼ୀ-ଓଠେ ସୁବେଶୀ
ଶ୍ଳୋକ-କାକଳି ଛଳେ ସ୍ତୋତ୍ର ପ୍ରକାଶି ।୩।
ଶାନ୍ତ ଆଶ୍ରମ କାନ୍ତ ପଲ୍ଲବ-ଦୃଶା
ଶେଫାଳି-ପୁଷ୍ପାଞ୍ଜଳି ଢାଏ ସୁଯଶା ।୪।
[illegible] ଉଠେ ସ୍ୱାଗତ କରି ମୁନୀଶ
ଶୁଶାନ୍ତ ଆସ ଉଷା ! ଜ୍ୟୋତି ପ୍ରକାଶ ।୫।
ଶୌଚ-ସନ୍ଧ୍ୟା ସାରି ପୂଜ୍ୟ ଯଜ୍ଞେଶ
ଶୁଦ୍ଧ ହୃଦୟେ ବସିଛନ୍ତି ଋଷୀଶ ।୬।
ଶିଷ୍ୟେ ନାରୀଏ ନେଇ କଲେ ପ୍ରବେଶ
ଶଙ୍କିତ ମୃଗ-ନେତ୍ରୀ ଆରଣ୍ୟ ବେଶ ।୭।
ଶ୍ରୀପାଦେ ପ୍ରଣମିଲେ ଦଣ୍ଡ ସଦୃଶ
ଶ୍ରୀବତ୍ସ ସ୍ୱର ଆଶିଷିଲେ ସୁଧୀଶ ।୮।
ଶିଷ୍ୟେ କହନ୍ତି "ଏହି ନାରୀ ଅଦୃଶ୍ୟେ
ଶଂସିତ କାର୍ଯ୍ୟ କରେ କାହା ଉଦ୍ଦେଶ୍ୟେ ।୯।
ଶଙ୍କାକୁଳ-ନୟନେ ଭାବ ନିରାଶ
ଶରୀରେ ଶିହରଣ ସ୍ୱେଦ ଅବସ୍ତ୍ର ।୧୦।
ଶ୍ରାନ୍ତ କଣ୍ଠରେ କଷ୍ଟ କହିବା ଆଶେ
ଶ୍ରମ କରି ନପାରି ନିରାଶେ କାଶେ ।୧୧।
ଶ୍ରୀହସ୍ତ ପ୍ରସାରଣ ଅଭୟ ଆଶା
ଶୁଣିଲା ମୁନି ଭାଷା- 'ନୁହ ବିବଶା' ।୧୨।

—o—

ରାଗ - ଝୁମ୍ପ କାମୋଦୀ

ଶୁକଳ ଶିରେ କର ବୁଲାଇ ଋଷିବର କହନ୍ତି ଦୟା ପରବଶ
"ଶୁଣ ପ୍ରିୟଦର୍ଶିନି ! ହେବ ଶୁଭଦାୟିନି ତୁମର ସକଳ ଉଦ୍ଦେଶ୍ୟ ଗୋ
ଶୋଭନାଙ୍ଗି ! ଶ୍ରମ ଅଦୃଶ୍ୟ ଆଦରଣ
ଶୁଦ୍ଧ ସର୍ବଦା ତୋ ଉଦ୍ଦେଶ୍ୟ
ଶ୍ରଦ୍ଧାରେ କହ ବନା ବିଧାରେ ଗୋ ନବୀନା ତୋ ମନକଥା ତେଜି କ୍ଲେଶଗୋ
ଶ୍ରାବଣୀ ଧାର ପରି ନେତ୍ରୁ ଲୋତକ ଝରି କହଇ ଖିତ ଏଣୀ ଦୃଶା
"ଶଇଲ ଅଛି ଏକ ଏଥୁଁ ପଥ ଅନେକ ସେଠାରେ କାଟି ବାଲ୍ୟ ଦଶାରେ
ଶୁଭଙ୍କର ! ଶଇଲ ବନଗୃହୀ ବଂଶ
ଶବର କୁଳେ କର୍ମ-ବଶ
ଶଇଶବ ସାରିଲି ପରିଜନେ ଦେଖିଲି ସକଳେ କ୍ରୂର କରକଶ ହେ ।୨।
ଶରାସନରେ ଶର ବସାଇ ଦୁର୍ବାର ନିରୀହ ଜୀବେ କରି ନାଶ
ଶ୍ରଦ୍ଧାରେ ତାର ମାଂସ ଖାଆନ୍ତି, ସେ ନୃଶଂସ କରମ ଦେଖି ମୁଁ ବିବଶ ହେ
ଶୁଦ୍ଧଚେତା ! ଶରୀରେ ଯୌବନ ପ୍ରକାଶ
ଶୋଚି ପିତାମାତା ଅବଶ୍ୟ
ଶର-ଲକ୍ଷ୍ୟ ପ୍ରବର ଦେଖି ଯୁବକେ ବର ବଛିଥିବା କଲେ ପ୍ରକାଶ ହେ ।୩।
ଶୁଣି ମୁଁ ଏଇ କଥା ମନେ ଆସିଲା ବ୍ୟଥା, ଅହରହ ଆହାର ଆଶେ
ଶୂକର କୃଷ୍ଣସାର ଅବା ପକ୍ଷୀ ନିକର ପଡ଼ିବେ ସିନା ମୃତ୍ୟୁ-ପାଶେ ହେ
ଶୁଦ୍ଧ ଚେତା ! ଶରୀର ସବୁରେ ଦେବେଶ
ଶାନ୍ତିରେ ଥାଆନ୍ତି ଅହର୍ନିଶ
ଶୁଣି ଜାଣି କପରି ରହିବି ଜୀବ ଧରି ଦେଖି ସେ ଜୀବ-ଧାରୀ ନାଶ ହେ ।୪।
ଶୋଚନା କଲି କେତେ କେବେ ଅବା କେମନ୍ତେ ମୁକତି ଲଭିବି ଏ ପାଶୁ
ଶ୍ରାନ୍ତ ହେଲା ମୋ ମନ କ୍ଲାନ୍ତ ହେଲା ଜୀବନ ସାର ହେଲା ମୁଞ୍ଚିବା ଅଶ୍ରୁ ହେ
ଶୁଦ୍ଧ ଚେତା ! ଶୂନ୍ୟକଲି ଜୀବନ ଆଶା
ଶେଷ ହୋଇ ନ ଥିଲା ଦଶା
ଶଙ୍କର-ପୋତ ଧରି ମନେ କଲି ନାଉରୀ ଆସିଲି, ମାଗେ ପଦ ଆଶ୍ରା ହେ ।୫।

—o—

## ରାଗ - ବଙ୍ଗଳାଶ୍ରୀ

ଶବରୀ କଥନ ଶୁଣି ଥନ ଥନ ସ୍ୱରେ କହନ୍ତି ତପୀଶ
ଶାପଭ୍ରଷ୍ଟା ଆତ୍ମଦ୍ରଷ୍ଟା କିଏ ତୁମେ ଆସିଛ ଏ ବନ ଦେଶ ।୧।
ଶୃକର ବିହଗ ନକରେ ଯେ ଦେଖେ ନିରାକାର ଜଗଦୀଶ
ଶ୍ରୀହରି ସାକାର ରୂପ ଦେଖିବାକୁ କାହିଁ ବିଳମ୍ବର ଲେଶ ? ।୨।

ଶରଣ-ବତ୍ସଳ ଚରଣେ ଶରଣ ଯେଉଁ ଜନ ଥରେ ପଶେ
ଶକ୍ତି କାହିଁ ତାକୁ ଶରଣ ଦେବାକୁ ବରେଣ୍ୟ ସେ ମୋର ପାଶେ ।୩
ଶୁଦ୍ଧ ହେବ ମୋର ଆଶ୍ରିତ ଆଶ୍ରମ ପାଇଲେ ତୁମ ପରଶ
ଶକତି ଅଛି ଯେ ଭକତିରେ ତବ ଆଣିବ ଧନେ ଧାନେଶ ।୪।

ଶୂଦ୍ରା ନାରୀ ଭାବ ନଜକୁ ଗୋ ଭଦ୍ରେ ! ନକର ମନ ନିରାଶ
ଶୂଦ୍ରତା, ବରତା, ଜାତି, ପିତା, ମାତା ନ ବାରନ୍ତି ହୃଷିକେଶ ।୫।
ଶ୍ରେଷ୍ଠ ମଣିବ ମୋ ଆଶ୍ରମ ତୁମର ଉପସ୍ଥାନେ ଉପଦେଶେ
ଶୁଚିତା, ସଂଯମ ହେବ ପରୀକ୍ଷଣ ବାସ୍ତବେ ଅଛିନା ବେଶେ ।୬।

ଶିବକୋଳେ ଶିବା ଥାଇ ରାମ ଦାବା ଜପୁଥାନ୍ତି ପରମେଶ
ଶ୍ରୀରାମ ଶ୍ୱଶୁର ମନ୍ତ୍ରି ରାଜପୁର ରାଜର୍ଷି, ନୋହି ରାଜେଶ ।୭।
ଶ୍ରୀଧରେ ଧରେ ଯେ ହୃଦରେ ସାଦରେ ସେ ଭଗବାନ ସଦୃଶ
ଶିଷ୍ୟ ସମାଜ ମୋ ମାଜିନେବେ ମନ-ମୁକୁର ଭକତି ବଶ ।୮।

ଶ୍ରୀହରିଙ୍କ ସ୍ତୁତି ପାରେ ଯେ ସାଇତି ନିରନ୍ତର ବି ଜ୍ଞାନାଶ
ଶ୍ରୁତି ଟିତି ନଷ୍ଟ କରିଲେ ଅମିତ ସୁକୃତିର ହୁଏ ନାଶ ।୯।
ଶତହ୍ରଦା ଜଳେ ଜଳଦର କୋଳେ ଜଳେ ନ ଲଭେ ବିନାଶ
ଶ୍ରମ କରମରେ କରି ବି ଭ୍ରମରେ ନୋହିବ କରମ ବଶ ।୧୦।

ଶୁଭର ସବିତା ହୋଇଲ ଉଦିତା ମୋର ଆଶ୍ରମ ଆକାଶେ
ଶୂନ୍ୟ ହେବ ସିନା ତିମିର ଯା ଅଛି ତୁମର ଶୁଦ୍ଧ ପ୍ରକାଶେ ।୧୧।
ଶାଳା ହେଉ ଏକ ହୁଅ ଆଶ୍ରମିକ ସୁଶୀଳା ନୁହ ବିମର୍ଶ
ଶଙ୍କା ହେଲେ ମନେ ନିଜ ପ୍ରୟୋଜନେ ନେବ ଦେବ ପରାମର୍ଶ ।୧୨

— o —

## ରାଗ - ଶ୍ରେଷ୍ଠି

ଶତ ଶତ ଋଷି ତପୀ ଶୁଦ୍ଧେ ବିଭୁନାମ ଜପି
ଶତକଳ୍ପ ସଂକଳପି ପ୍ରଭୁ ଦରଶ
"ଶମନ କରେ ଯେ ମନ ଶମନ କରେ ଦମନ
ଶରୀର ତା ଇଚ୍ଛାଧୀନ" ମାନ ଆଦର୍ଶ
ଶାନ୍ତରେ ପମ୍ପାସର ପାଶେ
ଶାନ୍ତ ନ ଜାଣନ୍ତି ଥାଇ ଆଶ୍ରମୀ ବେଶେ ।୧।

ଶୁଣି ପାରଲେ ସେ ଜାଣି " ଶବରୁଣୀ କେ ତରୁଣୀ
ଶ୍ରୁତିଙ୍କ ମତଙ୍ଗ ମୁନି ସ୍ପଷ୍ଟ ନଦେଶେ
ଶୁଦ୍ଧ ଆଶ୍ରମବାସରେ ଶୋଭିବ ନଶିବାସରେ
ଶାଳା ହେଲା ଏ ପାଶରେ ତାର ଉଦ୍ଦେଶ୍ୟ"
ଶୁଦ୍ଧ ବ୍ରହ୍ମଚାରିଣୀ ବେଶେ
ଶାନ୍ତରେ ରହିବ ଦିଶି ଏ ବନ ଦେଶେ ।୨।

ଶୁଚିତାରେ ମାଜିମାଜି ଶୁଭ୍ରଯା'ର ଚିତ୍ତ ରାଜି
ଶଂସା ଯାଇଥାଏ ଭକ୍ତି ହୃଦୟ ଦେଶେ
ଶ୍ରବଣ ଇନ୍ଦ୍ରିୟ ତାର ଶୁଣାଏ ସୁ ସମାଚାର
ଶୁଦ୍ଧଭାବେ ଅଗୋଚର ମନ୍ଦ ସନ୍ଦେଶେ
ଶୁଦ୍ଧ ନୁହେଁ ଯାର ଉଦ୍ଦେଶ୍ୟ
ଶଂସାଧୀନ ଚିତ୍ତବୃତ୍ତି କରେ ପ୍ରକାଶ ।୩।

ଶୁଭି ନ ଶୁଭିଲା ପର ଶବଦେ କେ ବ୍ରହ୍ମଚାରୀ
ଶୁଣାଏ "ଆଶ୍ରମେ ନାରୀ ରଖି ତପୀଶ
ଶଉଚ-ସଂଯମ-ଧନ ଶଙ୍କାହୁଏ କଲେ ଲୁଣ୍ଠି
ଶିଷ୍ୟ ସିନା ତପୋଧନ କଲେ ବିନାଶ
ଶୁଦ୍ରା ଯଦି ଆଶ୍ରମେ ପଶେ
ଶୁଣ ମୁଁ ରହିବି ନାହିଁ ଏ ବନ ଦେଶେ" ।୪

“ଶବଂଶୀ ପାହୁଁ ଦଶିବ ଶବଶୀ ମୁଖ ଅଶିବ
ଶୁଭ କେବେ ପ୍ରକାଶିବ ଅଛୁ କି ଆଶା ?
ଟକଭ ନାହିଁ କାହାର ଶଷରଛୁୟା ତାହାର
ଶୁଦ୍ଧବୋଲି କହିବାର, ସେ ଯେ ଅସ୍ପୃଶ୍ୟା
ଶରଣେ ରଖି ସେ ବାଳୀଶ
ଶାନ୍ତ-ସଭଧେ ମତଙ୍ଗ ଦେଲେ କୁଳଶ” ।୪।
ଶୁଣିଏକ ତପଗୃଷୀ ଶାନ୍ତହୃଦ ସୁବିଗୃଷୀ
ଶୁଣାଏ ଯେ “ବ୍ରହ୍ମଗୃଷୀ ଅସ୍ପୃଶ୍ୟା ନାଶେ
ଶ୍ୱାନଠୁ ବ୍ରହ୍ମ ପର୍ଯ୍ୟନ୍ତ ଶଷରେ ଥାନ୍ତି ଅନନ୍ତ
ଶ୍ରୁତି ପୁରାଣ ସମସ୍ତ ଯାହା ପ୍ରକାଶେ ;
ଶବଶୀ ଶଷର ବିଶ୍ୱେଶ,
ଶଙ୍କାକର, ତେଜଛନ୍ତି ତେଣୁ ଅସ୍ପୃଶ୍ୟ । ୬ ।
ଶୁଦ୍ଧ-ହୃଦ ସମର୍ଥନ ଶଂସାଗ୍ରସ୍ତ କୁବଚନ
ଶୁଣି ନୁହେଁ ମୁନି ମନ ହୃଷ୍ଟ ବିମର୍ଷ
ଖାଇଲେ ଅବା ସାଗରେ ଶରଧା ବା ହିଂସା କଲେ
ଶୋକ ସୁଖ କିଛି କରେ ନାହିଁ ପ୍ରକାଶ
ଟେବଶୀ ରହିବା ଉଦ୍ଦେଶ୍ୟ
ଶଂସାହୀନ ଥିଲେ ମୁନି ନିଜ ନିର୍ଦ୍ଦେଶେ । ୭ ।



## ରାଗ-ରାମକେରୀ

ଶବରୀ ରହିଲା ଆଶ୍ରମେ ବ୍ରହ୍ମଚାରିଣୀ ବେଶେ
ଶର୍ବରୀ ଦିବସ ଅନାଇଥ ଏ ଗୁରୁ ନିଦେଶେ । ୧ ।
ଶ୍ରେୟ ମଣି ଗୁରୁ ବଚନେ କରେ ମନ ନିବେଶ
ଶୁଣିଲେ କାମକୁ ଆଣଇ ଯାହା ଗୁରୁ ଆଦେଶ । ୨ ।
ଶରୀର-ଭୂଷା ତା ଅଲକ୍ଷ୍ୟ ଯାଏ ସଂଯମେ ନାଶ
ଶାରଦ-ନୀହାର ରହେ କି ଦେଖି ରବି ପ୍ରକାଶ । ୩ ।
ଶୁଦ୍ଧ ଯା ଆତ୍ମିକ ପିପାସା ପରମାତ୍ମାର ପାଶେ
ଶ୍ରଦ୍ଧାରେ ସମର୍ପି, ଶରଣ ଗୁରୁ ଚରଣେ ପଶେ । ୪ ।
ଶତ-କାଳ-ସିନ୍ଧୁ-ଲହରୀ ଯାଏ ତାକୁ ପରଶି
ଶିରନତେ ଥାଏ ନିଶ୍ଚଳ ହୁଏ କାଳ ଦରଶୀ । ୫ ।
ଶୁଭ୍ରଫେଣ ସିନା ରହଇ ଲାଗି ମସ୍ତକ ଦେଶେ
ଶୁକ୍ଳଶିର ତେଣୁ ଇତର ଜନ ନେତ୍ରରେ ଦିଶେ । ୬ ।
ଶର୍ବରୀ ଆଗମେ ମତଙ୍ଗ ଦିନେ ବସାଇ ପାଶେ
ଶ୍ରଦ୍ଧାରେ କହନ୍ତି ଶୁଣ ମା ! ଯାହା ଏବେ ପ୍ରକାଶେ । ୭ ।
ଶୁଣାଇଛି ତୋତେ ଆଗରୁ ବିଭୁ ଦେବେ ଦରଶ
ଶକ୍ତ ପ୍ରତିବନ୍ଧେ ନ ହେବୁ କେବେ ଚ୍ୟୁତ-ଆଦର୍ଶ । ୮ ।
ଶ୍ରୀରାମ ଶରୀର ନେବେ ଗୋ ଆସି ସରଗ ଦେଶୁ
ଶୂନ୍ୟ କରି ନିଜ ଭବନ, ବୁଲିଯିବେ ତୋ ପାଶୁ । ୯ ।
ଶରୀର ମୋ ସେଦିନ ତକ ଥିବ ନାହିଁ ଏ ଆଶା
ଶାପ ଦେଇ ତପ ନାଶିଛି କ୍ରୋଧ ଦେଲା ଏ ଦଶା । ୧୦ ।
ଶକ୍ତ ଅନୁତାପ ଅନଳ ଦହେ ହୃଦୟ-ଦେଶ
ଶରୀର ତେଜିବି ହେଜ ମୁଁ ମୋର ଅନ୍ତର୍ନିର୍ଦ୍ଦେଶ" । ୧୧ ।

— ୦ —

## ରାଗ - ଶଙ୍କରାଭରଣ

ଶୁଣି ମୁନି ବାଣୀ ବୋଲେ ବିନୟେ ବାଲୀଶ
ଶୁଦ୍ଧ ହୃଦେ କେବେ କ୍ରୋଧ କରିନି ପ୍ରବେଶ ହେ
ଶାପ କେଉଁ ପରିବେଶେ,
ଶ୍ରୀମୁଖୁ ବାହାର ହେଲା କାହାର ଉଦ୍ଦେଶ୍ୟ ହେ ।୧।

ଶୁଣିବାକୁ ଯୋଗ୍ୟ ଯଦି ମୁହିଁ ହେ ଯୋଗୀଶ
ଶାନ୍ତ ହେବ ଏ ଅଜ୍ଞର ଆଗ୍ରହ ଅବଶ୍ୟ ହେ
ଶରଧାରେ ରଖି ଆଶା,
ଶ୍ରୀଚରଣେ ନିବେଦନ କଲି ତପୋଯତା ହେ ।୨।

ଶବରୀର ନିବେଦନ ଶୁଣି ତାପସୀଶ
'ଶୁଣ' ବୋଲି ଗତକଥା କରିଲେ ପ୍ରକାଶ ଯେ
ଶିରେ ଥିଲେ ବି ଅଙ୍କୁଶ,
ଶିଥିଳ ଦେଖି ମାହୁନ୍ତେ କଷ୍ଟ କରେ ନାଶ ଯେ ।୩।

ଶିଥିଳ ଥିଲି ମୁଁ ଦିନେ କ୍ରୋଧ କଲା ବଶ
ଶାପ ଦିଆଇ ସାଇଲା ମୋର ତପ-ଯଶ ଯେ
ଶ୍ରୀହରିଙ୍କୁ ସ୍ମୃତି-ଦେଶ
ଶୂନ୍ୟ କଲି ବୋଲି ତିଳେ ହୋଇଲି ବିବଶ ଯେ ।୪।

ଶଇଳ ଋଷ୍ୟମୂକରେ ମୂକ ତପ ଆଶେ
ଶର୍ବରୀ ଦିବସ ଯାପେଁ ସିଦ୍ଧିର ସକାଶେ ଯେ
ଶ୍ୱାପଦ ସେ ବନ ଦେଶେ
ଶାନ୍ତ କରି ପଡ଼ିଲି ମୁଁ ମନ-ପଶୁ ପାଶେ ଯେ ।୫।

ଶକ୍ର-ସୁତ ବଳୀ ବାଳି ଋକ୍ଷ କପି-ଈଶ
ଶର୍ବରୀଚର ଦୁନ୍ଦୁଭି ରଣେ କରି ନାଶ ଯେ
ଶରୀରର ଏକ ଅଂଶ
ଶୂନ୍ୟେ ନିକ୍ଷେପୁ ପଡ଼ିଲା ମୋ ଆଶ୍ରମ ଦେଶ ଯେ ।୬।

ଶୌଚ-ସ୍ନାନ-ସନ୍ଧ୍ୟା ସାରି ଫେରୁଁ କୁଟୀ ପାଶେ
ଶୋଣିତେ ସ୍ନାତ କୁଟୀର ଦେଖି ମୁଁ ବିବଶେ ଯେ
ଶୀଘ୍ରେ କ୍ରୋଧ କଲି ବଶ
ଶିଥିଳ ଖଳକାରଙ୍କୁ ସର୍ପର ସଦୃଶ ଯେ" ।୭।

ଶାପ ଦେଲି "ଯେ ଏଠାକୁ ଫିଙ୍ଗିଲା ଶବାଂଶ
ସପ୍ତଧା ବିଦୀର୍ଣ୍ଣ ହେବ କଲେ ସେ ପ୍ରବେଶ ଯେ
ଶ୍ୟାମ ଏ ଶଇଳ ଦେଶେ,
ଶମନ ସଜାଗ ରହୁ ତାହାରି ବିନାଶେ ଯେ ।୮।

"ଶୁଣିଲତ ତପ କ୍ଷୟ କଲ କ୍ରୋଧ ବଶ
ଶଙ୍କର ତେଜବି ଏବେ ଭିବୁଛି ଅବଶ୍ୟ ଯେ
ଶୁଣ ମୋର ଉପଦେଶ
ଶୁଦ୍ଧ ଥିଲେ ହୃଦ, କ୍ରୋଧ ନ କରେ ପ୍ରବେଶ ଯେ ।୯।

ଶାନ୍ତ ଶୁଦ୍ଧ ରଖିଥିବ ସଦା ହୃଦ-ଦେଶ
ଶ୍ରୀହରି ମୂରତି ତହିଁ ଦେଖ ଅହର୍ନିଶ ଯେ
ଶାନ୍ତ ମୂର୍ତ୍ତି ସେ ବିଶ୍ୱେଶ
ଶରୀର ଧରି ହୋଇବେ ସମ୍ମୁଖେ ପ୍ରକାଶ ଯେ ।୧୦।

—o—

ରାଗ - ବଙ୍ଗଳାଶ୍ରୀ

ଶିଷ୍ୟ ଥିଲା ପରି ନଲାଗେ ଆଶ୍ରମେ ତନୁ ତେଜୁ ସେ ତପୀଶ
ଶୂନ୍ୟ ଲାଗେ ପରା ମତଙ୍ଗ ଗଲାରୁ ସାରା ସେ କାନନ ଦେଶ । ୧ ।

ଶାବକହୀନ କେ ଜନନୀ ସମାନ ଆଶ୍ରମ ଝରାଏ ଅଶ୍ରୁ
ଶୀର୍ଣ୍ଣ ଦିଶୁଛନ୍ତି ଫଳ-ଫୁଲ-ଗଛ ବିଷର୍ଣ୍ଣ ବିହଗ-ପଶୁ । ୨ ।

ଶାଳୀନତା ଛଡି ମଳିନତାମାଡ଼ି ରହିଛି ଆଶ୍ରମ-ଦେଶ
ଶ୍ୱାପଦତା ଯାଇ ଶ୍ୱାପଦଙ୍କୁ ବଳି ପଶିଛି ମନୁଷ୍ୟ ପାଶ । ୩ ।

ଶିଷ୍ୟଙ୍କ ଶିଷ୍ଟତା ସିନା ବିଶିଷ୍ଟତା ଋଷି ସ୍ଥାପିତ ଆଦର୍ଶ
ଶିଥିଳ ହେବାରୁ ବିନୟଭାବରୁ କ୍ରୋଧ କରେ ନିଜ ବଶ । ୪ ।

ଶବରୀ ମାତର ସରଳ ଅନ୍ତର ସ୍ୱଚ୍ଛ କରି ଅହର୍ନିଶ
ଶ୍ରୀଗୁରୁ ମୂରତି ଥାପି ରଖି ରତି ପୂଜେଭି ନିଜ ପ୍ରେମବଶ । ୫ ।

ଶ୍ରବଣାଦି ସବୁ ଇନ୍ଦ୍ରିୟ-ତୁରଗେ ଲଗାଇ ସଂଯମ-ରଶି
ଶରୀର-ଶକଟେ ଯୋଚଣି ଆକଟେ ପରମାର୍ଥ ପଥେ ପଶି । ୬ ।

ଶକଟ ରକ୍ଷକ ରୂପରେ ବିବେକ ଜାଗ୍ରତ ଦିବସ ନିଶି
ଶିଷ୍ଟପତି-ସ୍ତୋତ୍ର- ତୋତ୍ର ବେଳେ ବେଳେ ତୁରଗେ ଦିଏ ପରଶି । ୭ ।

ଶ୍ରାନ୍ତ ହେଲେ ବି ସେ ଭ୍ରାନ୍ତ ହୋଇ ଅଭିମାନ-ଅବାଟେ ନ ପଶେ
ଶ୍ରୀହରି ସ୍ମରଣେ ମାଜିନେଇ ମନେ ଲକ୍ଷ୍ୟରେ ପୁଣି ନିବେଶେ । ୮ ।

ଶ୍ୱାପଦ ସେ ପଥେ କାମ କ୍ରୋଧ ଆଦି ପ୍ରବେଶିଲେ ତା'ର ପାଶେ
ଶଙ୍କିତ ନ ହୋଇ ଶକ୍ତ କରି ବାନ୍ଧେ ଶଙ୍ଖଧାରୀ ନାମ ପାଶେ । ୯ ।

ଶତକାୟେ ଆସେ ମାୟା-ଡ଼କାୟତ କରିବାକୁ ନିଜ ବଶ
ଶ୍ରୀଗୁରୁ-କରୁଣା କବଚକୁ ଭେଦି ନ ପାରି ଫେରେ ବିମର୍ଷ । ୧୦ ।

ଶରୀର, ବୟସେ ପ୍ରବୃଦ୍ଧ ହେଲେହେଁ ମାନସ ଶିଶୁ ସଦୃଶ
ଶିଶୁ ସମ ଭାବେ ଧନ ଧୂଳିପରି ଧୂଳିକୁ ଧନ ସଂକାଶ । ୧୧ ।

ଶିବ କରେ ଦେହ ଦୈହିକ ବିଷୟ ମାନସେ କଲେ ପ୍ରବେଶ
ଶ୍ୟାମ-ରାମ-ମୂର୍ତ୍ତି ସ୍ମୃତିକି ଆସିଲେ ସ୍ଫୁର୍ତ୍ତିର ହୁଏ ପ୍ରକାଶ । ୧୨ ।

ଶ୍ରୀରାମ ମୂରତି କେବଳ ସଂପତ୍ତି କରି ରଖେ ହୃଦ ଦେଶେ
ଶଇଳ- ସରସୀ-ବନେ ଗଲେ ପଶି ନ ଛାଡ଼ଇ କେବେ ଲେଶେ । ୧୩ ।

ଶଂସା-ନୟନ ଯୁଗଳକୁ ସଦା ଶ୍ରୀରାମ-ରୂପ-ବଡଶୀ
ଶିଥିଳ ନ ହୁଏ ଅସ୍ଥିର ହେଲେ ବି ଶରୀର ତା ଦିବା ନିଶି । ୧୪ ।

— ୦ —

## ଘଟ-କଳହଂସ କେଦାର

ଶର୍ବରୀ ପଶୁଥିଲା ମହା ଆକାଶେ,
ଶୁଭ୍ର-ତାରକା-ରତ୍ନ ନେବାର ଆଶେ
ଶବଦେ ଜଣାଇଲେ ବିହଗ ବଂଶ
ଶୁଣି ଅକାଶ-ପଥ କଲେ ପ୍ରବେଶ ଯେ ।୧।
ଶୀଘ୍ର ତାରକା-ରତ୍ନେ ଢାଙ୍କିଲେ ଅଂଶୁ
ଶୋଣିତାଭ ତପନ କ୍ରୋଧର ବଶୁ
ଶାସନ କଲେ ବୋଲି ଦେବ ଖରାଂଶୁ
ଶର୍ବରୀ ନେତ୍ରୁ ଝରେ ନୀହାର ଅଶ୍ରୁ ଯେ ।୨।
ଶିବାଦ୍ୟ ଜନ୍ତୁ ଦେଖି ବାନ୍ଧବ ଦଶା
ଶିହରି ଭୟେ ପଶ ହେଲେ ବିବଶା
ଶଙ୍କିତ ସବେ କଂପେ ଦଶ ଦିଶା
ଶାନ୍ତ ନୋହୁଛି ସିନା ଭୋଜନ ନିଶା ଯେ ।୩।
ଶେଫାଳି ପ୍ରତିବାଦ କରେ ଦିନେଶେ,
ଶରୀର ତେଜେ ଶେଷେ ଅତି ନିରାଶେ
ଶସ୍ତ୍ରାରେ ବଳୀ ଯହିଁ ବଳ ପ୍ରକାଶେ
ଶ୍ଲାଘ୍ୟ ମଣେ ଦୁର୍ବଳ ଆତ୍ମ ବିନାଶେ ଯେ ।୪।
ଶଯ୍ୟା ତେଜି ତପସୀ ସରସୀ ପାଶେ
ଶାନ୍ତନୁ-ପ୍ରିୟା ସ୍ମରି ସଲିଳେ ପଶେ;
ଶରୀର ଧୋଇ ଧୂଏ ଶୁକ୍ଳ କେଶ,
ଶୁଦ୍ଧ ଜ୍ଞାନ-ରସରେ କର୍ମ ସଦୃଶ ଯେ ।୫।
ଶବଦ ବାର ଦେଖେ ତଟ ପ୍ରଦେଶେ,
ଶ୍ମଶ୍ରୁ ବଦନ କଏ ଆସି ପ୍ରବେଶେ
ଶିରରେ ଜୁଡ଼ା ହୋଇ ରହିଛି କେଶ,
ଶରୀରେ ରଖିଅଛି ତାପସ ବେଶ ଯେ ।୬।

ଶୁଣିଥିଲା ସେ ଗୁରୁଙ୍କ ଉପଦେଶେ,
ଶ୍ରୀରାମ ଦେଖାଦେବେ ତାପସ ବେଶେ,
ଶୁଭ ଏ ପ୍ରାତେ ଅନାଥିନୀର ପାଶେ
ଶ୍ରୀନାଥ ଆସିଲେ କି ମନେ ପ୍ରକାଶେ ଯେ । ୭ ।
ଶୀଘ୍ର ସଲିଳୁ ଉଠେ ତଟ ପ୍ରଦେଶେ,
ଶବରୀ, ଆଗନ୍ତୁକ ଚରଣ ପାଶେ
ଶୁଆଇ ପ୍ରଣମିଲା ଦଣ୍ଡ ସଦୃଶ,
"ଶରଣ ରଖ" କହି "ହେ ଜଗଦୀଶ ଯେ । ୮ ।
ଶୂଦ୍ରା ସହଜେ ଜାତି ଶବର ଅଂଶୁ
ଶ୍ରବଣେ ପଡ଼ିନାହିଁ ଜ୍ଞାନାର୍କ-ଅଂଶୁ
ଶରଧା-ସାଧନାର ପଶି ନ ପାଶ;
"ଶରଣ ରଖ ପ୍ରଭୁ ! ହେ ଜଗଦୀଶ" ଯେ । ୯ ।
ଶ୍ରୁତି ଯା ନିଃଶ୍ୱାସରୁ ଲଭେ ପ୍ରକାଶ,
ଶିବାଦି ଦେବ ସ୍ତୁତି ନ କରେ ବଶ;
ଶୁଣାଇବି କି ସ୍ତୁତି ମୁଁ ଯେ ବାଳୀଶ,
"ଶରଣ ରଖ ପ୍ରଭୁ ! ହେ ଜଗଦୀଶ ଯେ । ୧୦ ।
ଶ୍ରେଷ୍ଠ ମୁଁ ହୀନ ଜନ ମଧ୍ୟେ ହୀନେଶ !
ଶୁଣିଛି ତୁମେ ଦୟାଳୁଙ୍କ ଅଧୀଶ;
ଶକତି ହୀନା ମୁଁ ତୁମେ ପରମେଶ,
"ଶରଣ ରଖ ପ୍ରଭୁ ! ହେ ଜଗଦୀଶ" । ୧୧ ।
ଶାଶ୍ୱତ ସୁଖ-ଦାୟୀ ପଦ-ପରଶ,
ଶଙ୍କାଦି ସୁରେ ନ ଲଭନ୍ତି, ନରେଶ;
ଶବରୀ ଘରେ ଯେବେ ଦେଲ ଦରଶ
"ଶରଣ ରଖ ପ୍ରଭୁ ହେ ଜଗଦୀଶ ଯେ । ୧୨ ।
ଶିଥିଳ କଣ୍ଠ କ୍ରମେ ଆବେଗ ବଶୁ
ଶ୍ରାବଣୀ ଧାର ସମ ଝରଇ ଅଶ୍ରୁ ;
ଶୁଣିଲା ଆଗନ୍ତୁକ ବାଣୀ କର୍କଶ,
ଶରଣାଗତଙ୍କୁ ମରଣ ସଦୃଶ ଯେ । ୧୩ ।

— ୦ —

## ରାଗ - ବଙ୍ଗଳାଶ୍ରୀ

"ଶବରୀ ବର୍ବରୀ, ନ ଜାଣୁ କି ନିଜେ ଆଜନ୍ମ ସଦା ଅସ୍ପୃଶା ।
ସ୍ନାନ ହୋଇ ହବ ପାନେ ଆଶାଧାଏ କେଉଁ ଅଭିମାନ-ନିଶା ।୧।
ଶ୍ୱଶୁରାଳୟୁ ଏ ନୁହଇ ତୋହର ଏଠିଥାନ୍ତି ତପୋଯଶା
ଶ୍ରୁତି-ପ୍ରତିକୂଳ କର୍ମ ଆଚରିଲେ ଲଭିବୁ ଅଶ୍ରୁତ ଦଶା ।୨।
ଶୁଦ୍ଧ ପୂତ ସବୁ ଅଶୁଦ୍ଧ ହୁଅଇ ଯାହାର ଛାୟା ପରଶେ
ଶଙ୍କା-ହୀନ-ଭାବେ ନିର୍ଜନେ ମାରିବେ ପୂତ ଧର୍ମାସରେ ପଶେ ।୩।
ଶରବ୍ୟ ହୋଇ ଏ ବାଣୀ-ବାଣ-ଗଞ୍ଜଣ ତାପସୀ ମୁହିଁ ସହେଶା
ଶାନ୍ତ ତପସ୍ୱୀଙ୍କ ଯଜ୍ଞାହୁତି କାଳେ ପୀଡ଼ିପାରେ କି ହୁତାଶା ? ।୪।
ଶୁଣିଥିଲି ଧ୍ରୁବ ତପସ୍ୟା ସମୟେ ପରଶିଲେ ପରମେଶ
ଶ୍ୱାପଦ ଭୁଜଙ୍ଗେ ଉଭାକରି, ପରେ ନିଜକୁ କଲେ ପ୍ରକାଶ ।୫।
"ଶ୍ରୀପତି ! ମୋପ୍ରତି ପରୀକ୍ଷା ଆଗରୁ ନିରୀକ୍ଷା କର ମୋ ଦଶା
ଶକ୍ତି ଦେଇ ନାହିଁ, ଆସକ୍ତିରେ କାହିଁ ଉତ୍ତୀର୍ଣ୍ଣ ହେବାର ଆଶା ? ।୬।
ଶିକାର କରୁଛି କାମନା-କିରାତ ହୋଇଗଲିଣି ଅବଶ
ଶରଣ ବତ୍ସଳ ! ଜାଣି, ମୁଁ ଶରଣ ପଶୁଛି ରଖ ଜୀବେଶ ।୭।
ଶବରୀର ମୁଖୁ ଭାଷା ନ ସରୁଣୁ ପଡ଼ିଲେ ବଚନ-କୁଳିଶ
ଶୁଦ୍ଧ ବ୍ରହ୍ମଚାରୀ ମୁହିଁ, ଲୋ ଦୋଚାରୀ ! ହେବ କିମ୍ପା ତୋ ଜୀବେଶ ।୮।
ଶୀଘ୍ର ପଳା ଏଠୁ ଚେତାଇ କହୁଛି, ଚେତାହୀନ ତୁହି ପଶୁ
ଶେଷ ସାବଧାନୀ ଏ ମୋର ଏ ସରେ ଆଉ ଯେପରି ନ ପଶୁ ।୯।
ଶୁଣି ଏହି ବାଣୀ ଭାବିଲି ରମଣୀ ନୁହିଁନ୍ତି ଏ ପରମେଶ;
ଶରୀରେ ସବୁରି ବାହାରି କପରି କହିବେ ନୁହେଁ ଜୀବେଶ ।୧୦।
ଶତ ଜଗତର କରତା ସର୍ଜ୍ଜନ୍ତି ଜୀବସଙ୍ଗେ ଜଳରାଶି
ଶ୍ରୁତି-ପ୍ରତିକୂଳ କର୍ମ ହେବ କିମ୍ପା ସେ ଜଳ ଦେଲେ ସ୍ପରଶି ।୧୧।
ଶୁଦ୍ଧକରେ ଯେବେ ଅଶୁଦ୍ଧକୁ ଜଳ ସେ କିମ୍ପା ହେବ ଅସ୍ପୃଶ୍ୟ
ଶ୍ରୀଶ ହେ ! ଦେଖୁଥିବ ସବୁ ତୁମେ ହେଲେହେଁ ମୋର ଅଦୃଶ୍ୟ ।୧୨।

ନ ।ଉନ୍ତ ଯାହା ମୂର୍ଖ କଣ୍ଟବାଣୀ ତା'ଠି ଥିବ ଜଗଦୀଶ !
ଶକତି କାହିଁ ମୋ ବୁଝିବ କପର ? ତୁମର ଯାହା ଉଦ୍ଦେଶ୍ୟ ।୧୩।

ଶକ୍ତ ପ୍ରତିବନ୍ଧେ କହିଥିଲେ ଗୁରୁ ନ ହେବୁ ଚ୍ୟୁତ-ଆଦର୍ଶ
ଶୁଣିଲି ମୁଁ ଯାହା ପ୍ରତିବାଦ କଲେ ଲଙ୍ଘିବ ଗୁରୁ ଆଦେଶ ।୧୪।

ଶବରୀ କରମ ଆଦର ଗୃଲଲ ନୟନରୁ ଝରେ ଅଶ୍ରୁ
ଶୁଭ୍ର ନଥିଲ କି କହେ ଆଗନ୍ତୁକ ହଲଇ ଅଳପ ସ୍ମଶ୍ରୁ ।୧୫।

ଶକତିମୟ ହେ ! ଅଶକତ ମୁହିଁ ନ ପକାଅ ମାୟା-ପାଶେ
ଶବରୀକୁ ଆଜ ନ ଦେଖିବେ କେହି ଏହି ପମ୍ପାସର ପାଶେ ।୧୬।

—o—

## ରାଗ - ରାମକେରୀ

ଶବରୀ ନୁହଇ ବିଷର୍ଣ୍ଣ ଯା ହେଲା ସର ପାଶେ;
ଶୁଦ୍ଧ ସୁବର୍ଣ୍ଣ କି ମଳିନ ହୁଏ କେବେ ହୁତାଶେ ।୧।

ଶୁଚିତା-ସୁରୁଜ ଉଜଳେ ଯାର ଚିତ୍ତ-ଆକାଶ
ଶଙ୍କୁ-ମିଶ୍ର-ଭବ-ତିମିର ପାଏ ନାହିଁ ପ୍ରକାଶ ।୨।

ଶାନ୍ତାକାର-ଧ୍ୟାନେ ଅଶାନ୍ତ ରହେ କି ଅନ୍ତର୍ଦ୍ଦେଶ ?
ଶାନ୍ତ ସହଚରୀ ଥିଲେ କି ଦୁଃଖ କରେ ପ୍ରବେଶ ? ।୩।

ଶ୍ରଦ୍ଧାରେ ସମର୍ପି ପାରେ ଯେ କିଛି ନ ରଖି ଲେଶ
ଶେଷଶାୟୀ ଶେଷ କରନ୍ତି ତାର ଅଶେଷ କ୍ଲେଶ ।୪।

ଶଇଳେ ବୁଲଇ ତାପସୀ ହୋଇ ଭକ୍ତି-ବିବଶା
ଶ୍ଲଥକାୟେ ଶକ୍ତି ପରଶେ ବିଭୁ-ଦର୍ଶନ-ଆଶା ।୫।

ଶ୍ରୀରାମ କାନନେ ଥିବେ କି ? ତାଙ୍କ ଅଙ୍ଗ ପରଶି
ଶ୍ୟାମଳିମା ଲାଗି ରହିଛି ଗଛ ପତରେ ମିଶି ? ।୬।

ଶିରକଣ୍ଠା ଦେଖି ଶଇଳେ ସାଜିଛନ୍ତି କି ବେଶେ ?
ଶୃଙ୍ଗରେ ଶୃଙ୍ଗାର ରଚନ୍ତି ଅନୁକୃତି ଆବେଶେ ।୭।

ଶରାସନ-ପ୍ରିୟ ଶ୍ରୀରାମ ଜାଣି ବିହଗ-ବଂଶ
ଶର ଭୟ ସରେ ଆସୀନ ବା'ଶ ନ ପାର 'ସ' 'ଶ' ।୮।

ଶ୍ରୁତି-ସୁଖକର-କାକଳି ଶୁଣି ଭବେ ନାଗଶ
ଶୁଭ ସ୍ୱାଗତିକା ଶୁଭେ କି ଜାଣି ପ୍ରଭୁ-ପ୍ରବେଶ ? ।୯।

ଶୁକ, ଶ୍ୟାମା ଆଜ ହରଷ ସଙ୍ଗେ ଠିଣ୍ଟିଣୀ ମିଶି
ଶ୍ୟାମ ରଙ୍ଗ ମାଖି, ଦେବେ କି ରାମ-ଲୀଳା ପରଶି ? ।୧୦।

ଶାଗୁଣାଦି ବଡ଼ ବିହଗେ ନିରେଖନ୍ତି ଆକାଶେ
ଶୁଣାଇବେ ପରା ମୋ ପ୍ରଭୁ ଯେବେ ଆସିବେ ପାଶେ ।୧୧

ଶୂକରାଦି ମୃଗେ ଆଗରେ ଧାଉଁ ପଛେ ମୃଗେଶ
ଶୀଘ୍ରେ ଯାଆନ୍ତି କି ଦେଖିବେ ପ୍ରଭୁ କଲେ ପ୍ରବେଶ ? ।୧୨।

ଶଇଳ-ଝରଣା ନାଚଇ ନିଜ ଅରଣା-ବେଶେ
ଶୁଣାଏ କି କଥା ? ଶିଳାରେ ବାନ୍ଧି ପୀରତି ପଶେ ।୧୩।

ଶୁଭ୍ର ସେ ଶବଦ ତାପସୀ ଢାଏ ମନ ନିବେଶି
ଶ୍ରୀରାମ ଆସନ୍ତି ଅନୁକେ ଅବା ସ୍ନେହ ପ୍ରକାଶି ।୧୪।

ଶ୍ୟାମଳ-ଗହଳ-କାନନ-ରନ୍ଧ୍ରେ ଦୃଷ୍ଟି ନିବେଶି
ଶଂସା କରି କାହିଁ ଶ୍ରୀରାମ ଅଛନ୍ତି ଉପବେଶି ; ।୧୫।

ଶ୍ରଦ୍ଧାରେ ଖୋଜନ୍ତି ସ୍ୱକୁଳ-ଗଉରବେ ଦିନେଶ,
ଶବରୀ ଭବଇ ଦେଖିଣ ବନେ ରବି ପ୍ରକାଶ ।୧୬।

ଶିହରି ଯାଏ ନସ, ଭାବଇ ଯେବେ ଏ ଅବକାଶେ
ଶ୍ରୀହରି ପ୍ରବେଶିଥିବେ ବା ଯଦି କୁଟୀର ପାଶେ ।୧୭।

ଶାପି ନିଜକୁ ମନେ ମନେ ସୁମରି ଅବଧେଶ
ଶୀଘ୍ର ଶୀଘ୍ର ପାଦ ପେଲଏ ନିଜ କୁଟୀର ପାଶ ।୧୮।

## ରାଗ - ବଙ୍ଗଳାଶ୍ରୀ

ଶବରୀ ନ ଆସେ ପମ୍ପାସର ପାଶେ ବୁଲୁଥାଏ ବନ ଦେଶ
ଶାଣିତ ସେ ତିରସ୍କାର-ରୂପୀ ଶର ବାରଇ ତାର ପ୍ରବେଶ ୧।

ଶଗାଳ କେଶରୀ ଏକ ଘାଟେ ବାରି ପିଅନ୍ତି ତା ପ୍ରୀତି ବଶ
ଶଙ୍କିତ ଯେ ପ୍ରାଣୀ ନ ପିଇଲେ ପାଣି ଚେତୁନ ଥାଏ ତା ପାଶ ।୨।

ଶୁଦ୍ଧ ସୁନିର୍ମଳ ଥିଲା ସର-ଜଳ ତପସ୍ୱିନୀ କର-ସ୍ପର୍ଶେ
ଶଉଚ ଆଗରୁ ଅଶଉଚ ସବୁ ସଫା କରେ ଚତୁଃପାର୍ଶ୍ୱେ ।୩।

ଶତ ଶତ ଆଶ୍ରମିକ ପମ୍ପାସରେ ନିତି କଲେ ବି ପ୍ରବେଶ
ଶୋଚନା ନ ଥାଏ ଶୁଦ୍ଧ ରଖିବାକୁ ସରୋବର ପରିବେଶ ।୪।

ଶ୍ରମ ନ କଲେ କି ଅଭିମାନେ କା'ର ନିବାରିତ ହୁଏ କ୍ଲେଶ ?
ଶ୍ରମିକ ନ ହେଲେ ନୁହେଁ କି ବିଫଳ ? ଆଶ୍ରମିକର ଉଦ୍ଦେଶ୍ୟ ।୫।

ଶୁଦ୍ଧ ଜଳାଧାର ହେଲା ମଳାଧାର ଜନ୍ମିଲେ କୃମି କ୍ରମଶଃ
ଶୁଭିଲା ତାପସ ସମାଜ କହିବା ସଲିଳ ହେଲା ଅସ୍ପୃଶ୍ୟ ।୬।

ଶୁଦ୍ଧାଚାର ଅଭିମାନୀ ବ୍ରହ୍ମଚାରୀ ସଂଖ୍ୟାରେ ନ ଥିଲେ ବେଶି
ଶିଷ୍ଟାଚାରୀ ବହୁ ଯୋଗୀ ଜନ ଥିଲେ ପ୍ରକୃତ ତତ୍ତ୍ୱ-ଦରଶୀ ।୭।

ଶିର୍ଷାସନେ କେତେ ସହସ୍ର-ଶୀର୍ଷଙ୍କୁ ଧ୍ୟାୟୁଁଲେଣି ବର୍ଷ ଦଶ
ଶତ ଶତ ଛନ୍ତି ଶତବର୍ଷ ହେବ ନ କରି ଜଳ ସ୍ପରଶ ।୮।

ଶରୀରକୁ ପଞ୍ଚ ଦାହେ ଦା'ହିଁ କେତେ ତାପସୀ ଆତ୍ମ ଦରଶୀ
ଶାନ୍ତ ଛନ୍ଦ୍ରୁ ସେ ଶାନ୍ତକାମ ଯୋଗୀ ଥିଲେ ବିଭୁ ଦର୍ଶନାଶୀ ।୧୦।

ଶଣିଲେ ସମସ୍ତ ପମ୍ପା-ପୁଷ୍କରଣୀ-ଜଳ ହେଲାଣି ଅସ୍ପୃଶ୍ୟ
ଶୁଣାଇଲେ ଏହା ଇଚ୍ଛା କରନ୍ତି ବା ଇଚ୍ଛାମୟୀ ସେ ଅଦୃଶ୍ୟ ।୧୧।

ଶୁଣି ସର ନୀର ଅଯୋଗ୍ୟ ହେବାର ତପସ୍ୱିନୀ ଝାରେ ଅଶ୍ରୁ
ଶଙ୍କିତ-ଚକିତ-ଖଞ୍ଜନ-ଲାଞ୍ଛିତ-ନୟନ-ପଦ୍ମ ପଲ୍ଲବୁ ।୧୧।

ଶଇଳ-କାନନ ବୁଲେ ତପସ୍ୱିନୀ ଆଖି ଥାଏ ଦଶ ଦିଗେ
ଶ୍ୱାପଦ ବିହଗ ଯେ ଆଖିରେ ପଡ଼େ ରାମପରି ତାକୁ ଦିଶେ ।୧୨।

ଶାଖା ମୃଗ କାହିଁ ଶାଖାରୁ ଶାଖାକୁ ଡେଇଁଲେ ପ୍ରକୃତି ବଶ
"ଶ୍ରୀରାମଙ୍କ ଚର ଆସିଲେଣି" ବୋଲେ "ପ୍ରଭୁ କଲେଣି ପ୍ରବେଶ" ।୧୩।

ଶିଖଣ୍ଡୀ-ଶିଖରେ ଶିଖୀ ଡାକ ଦେଲେ-ଦେଖି ଜଳଦ ପ୍ରକାଶ
ଶାଖୀପରେ ଚଢ଼ି ଲୋଚକ ଆଖିରେ ନିରେଖି ଖୋଜେ ଆକାଶ ।୧୪।

"ଶ୍ୟାମ ଜଳଧରେ ପ୍ରଭୁ ଅଙ୍ଗରଙ୍ଗ ମାଖିଲେଣି କରି ସ୍ପର୍ଶ ।
ଶମ୍ପାଲୋକେ ପୁଣି ଖୋଜୁଛନ୍ତି ଅବା କାହିଁ ବୋଲି ଅବଧେଶ" ।୧୫।

ଶ୍ରବଣେ ପଡ଼ିଲେ ପ୍ରସ୍ରବଣ-ଧ୍ୱନି ସଙ୍ଗୀତ-ସୁଧା ସଦୃଶ
"ଶୁଣେକି ଏ ପ୍ରଭୁ ସ୍ୱାଗତିକା-ଗୀତି, ପ୍ରଭୁ ନୋହୁଁ ମୋର ଦୃଶ୍ୟ ।୧୬

ଶାଖାରୁ ଉତୁରି ଯାଉଣୁ ଦଉଡ଼ି ବନ୍ୟ-କଣ୍ଟାବୁଦା ସ୍ପର୍ଶେ
ଶବରରେ ଘେରି ବକଳ-ଦୁକୂଳ ଚିର ଚିରେ କାୟା-କୃଶେ ।୧୭।

ଶିଳାରେ ଝୁଣ୍ଟିଲେ "ଶିଳା ! ତୁ ସୁଶୀଳା ! ପ୍ରଭୁ ପାଦ-ପଦ୍ମ ସ୍ପର୍ଶ
ଶୁଭିଛୁ, ପାଉଛୁ ସ୍ୱର୍ଗାବସ୍ଥା ବୋଲି ଆଲିଙ୍ଗଇ ପ୍ରେମ-ବଶ ।୧୮।

ଶୁଭ୍ର-ସୁବାସିତ-ସୁମନ ସୁନ୍ଦନା-ନୟନରେ ହେଲେ ଦୃଶ୍ୟ
ଶାଳ-ପତ୍ରେ, ଫୁଲ ତୋଳି ସାଇତଇ ପ୍ରଭୁଙ୍କୁ କରିବ ବେଶ ।୧୯।

ଶୁଦ୍ଧ-ସ୍ୱାଦୁକର-ଫଳ ଯହିଁ ଦେଖେ ତୋଳି ରଖେ ନିଜ ପାଶ
ଶ୍ରୀରାମ ଆସିବେ, ଖାଇବାକୁ କହୁ ଦେବତ ପୁଣି ଅବଶ୍ୟ ।୨୦।

ଶାନ୍ତ ହୋଇଅଛି କ୍ଷୁଧା, କେତେ ଦିନୁ ପିପାସା ଯାଇଛି ନାଶ
ଶୟନ କଲେ ବି ନିଦ, ନିଦକରେ ପଶି ପାରେନାହିଁ ପାଶ ।୨୧।

ଶ୍ୱାପଦେ ଶବରୀ ଆଗମନ- ବାର୍ତ୍ତା ଜଣାଉଁ, କୁଟୀର-ପାଶେ
ଶବରୀଙ୍କୁ ଅର୍ଦ୍ଧ ଶଯ୍ୟାରେ ପକାଏ ରାମ ରଖି ହୃଦ-ଦେଶେ ।୨୨।

## ରାଗ - ନଳିନୀ ଗୌଡ଼ା

ଶଷ୍ପର ଶଯ୍ୟାରେ ଥୋଇ, ଭାବନା-ଆକାଶେ
ଶୀଘ୍ର ତପସ୍ବିନୀ ମନ-ବିମାନେ ପ୍ରବେଶେ ।୧।

ଶୁଚିତା ସ୍ବଚ୍ଛତା ସଙ୍ଗେ ସରଳତା ମିଶି
ଶକ୍ତିଶାଳୀ କରେ ସେ ବିମାନେ ଦ୍ବାଦଶୀ ।୨।

ଶ୍ୟାମ-ରସରେ ରସାଣିତ ଚତୁଃପାର୍ଶ୍ୱ
ଶଙ୍କାହୀନେ ଚାଲେ ଯୋ'ଚାଲାରେ ନାହିଁ ଅଶ୍ବ ।୩।

ଶାନ୍ତିଦେବୀ ଥା'ନ୍ତି ବୋଲି ତାର ପାଶେ ପାଶେ
ଶ୍ରାନ୍ତ ଆସିଲେ ବି ଫେରଯାଏ ସେ ହତାଶେ ।୪।

ଶୈଳ-କାନନ ଲଙ୍ଘି ବିମାନ ପ୍ରବେଶେ
ଶଇଶବ ଯାଇଥିଲା ଯେଉଁ ବନଦେଶେ ।୫।

ଶିଶୁକାଳେ ଦେଖିଥିଲି ଯେଉଁ ସବୁ ଦୃଶ୍ୟ
ଶହ ଶହ ବର୍ଷପରେ ସେହିପରି ଦିଶେ ।୬।

ଶ୍ବେତ କୃଷ୍ଣ ଆଦି ବର୍ଣ୍ଣ ଯାଉଛି ଅବଶ୍ୟ
ଶ୍ୟାମ ରଙ୍ଗେ ସେହିସବୁ ହେଉଛି ସୁଦୃଶ୍ୟ ।୭।

ଶବର-ପଲ୍ଲୀ ରହିଛି ସେ କାଳ ସଦୃଶ
ଶରୀରରେ କଳାଜାଇ ହୁଏ ଯଥା ଦୃଶ୍ୟ ।୮।

ଶରାସନ ହସ୍ତେ ଯୁବାଜନ ସମାବେଶ
ଶର-ଲକ୍ଷ୍ୟ ପ୍ରଦର୍ଶିତା ପରୀକ୍ଷା ସକାଶ ।୯।

ଶର-ଲକ୍ଷ୍ୟ-ପ୍ରବର 'ଏ ଯୁବା ବୀର-ବେଶୀ'
ଶବରୀ ବାଳା ଦେଖାନ୍ତି ଜଣକୁ ନିର୍ଦ୍ଦେଶି ।୧୦।

ଶୂରତା ଭରିଛି ଅଙ୍ଗେ ଶକ୍ତ ମାଂସପେଶୀ
ଶ୍ୟାମ-ସମୁଜ୍ଜ୍ୱଳ-ତନୁ ସୌନ୍ଦର୍ଯ୍ୟ ପ୍ରକାଶି ।୧୧।

ଶରାସନ କରେ ତୂଣୀର ତା ପୃଷ୍ଠଦେଶେ
ଶାନ୍ତ ହେଲେ ବି ଗର୍ବରେ ଜିଣଇ ମୃଗେଶେ ।୧୨।

"ଶର ସିନ୍ଧିରେ ସଭଙ୍କି କରନ୍ତୁ ଅବଶ
ଶବର-ରାଜ-ତନୟା ଲଭିବ ଅବଶ୍ୟ" ।୧୩।

ଶବରୀ ସୁନ୍ଦରୀ କରୁ ସଭାରେ ପ୍ରବେଶ
ଶୁଭିଲା ଧନ୍ୟ ବିଧାତା ଗଢିଛନ୍ତି ଏ ବେଶ" ।୧୪।

"ଶିଖିଥିବା ସବୁ ଦ୍ରବ୍ୟ କରି ସମାବେଶ,
ଶୋଭାମୟୀ ବାଛୁ ଅଙ୍ଗେ କଲା କି ନିବେଶ ? ।୧୫।

ଶରଦ ଚନ୍ଦ୍ର ରଖିଛୁ ଅବା ମୁଖ-ଦେଶେ
ଶ୍ରାବଣୀ ମେଘ ଆପଣା ମନେ ରହେ କେଶେ ।୧୬।

ଶମ୍ଭୁଧନୁ ଭ୍ରୂଲତାରେ ରହିଲା ବିବଶେ
ଶଙ୍କା କରେ ମୃଗନେତ୍ର ରହିବାକୁ ପାଶେ ।୧୭।

ଶୁଭ୍ର-ମୋତି-ଦନ୍ତ ପନ୍ତି ମଧ୍ୟେ ଅଛି ପଶି
ଶବ୍ଦହୀନେ ଝରେ ମୁକ୍ତା ହସିଲେ ସୁକେଶୀ ।୧୮।

ଶରୀରରେ ତେଣୁ ଉନ୍ନେ ଥାଇ ବିନ ଦେଶେ
ଶୋଭା ବଢ଼ାଏ କି ଦଶା ରହି ଶଶୀ ପାଶେ ।୧୯।

ଶାଶ୍ୱତ ସୁଷମା ଅବା ଧରି ନାରୀ ବେଶ
ଶୁଭଯୋଗ ଜାଣି ଆଜି କଲା କି ପ୍ରବେଶ ?" ।୨୦।

ଶୋଭନାଙ୍ଗୀ ମାଳା ଦେଇ ଯୁବା-ଗଳା-ଦେଶେ
ଶ୍ରୀହସ୍ତ ଯୋଡ଼ି ପ୍ରଣାମ କରେ ଭକ୍ତି ବଶେ ।୨୧।

ଶୁଭଦୃଷ୍ଟି ପକାଉଣୁ ଜନ-ସମାବେଶେ
ଶଙ୍କାରେ ବିସ୍ମିତ ହେଲେ ନିଜନିଜ ଦେଶେ ।୨୨।

ଶର-ଶବର-ଯୁବକେ ଚାହିଁଲା ନାରୀଶ
ଶୁଭକାମୀ ବାଛୁଥିଲେ ହେବ ତା ଆବେଶ ।୨୩।

ଶମ୍ଭୁ ଆସନ ଅନ୍ତର୍ହିତ ହେଉଁ ସମାବେଶ
ଶାନ୍ତ ଜନଶୂନ୍ୟ ହେଲା କ୍ରମେ ପରିବେଶ ।୨୪।

ଶୁଭମନେ ତପସ୍ୱିନୀ ଯୁବା ସଙ୍ଗେ ମିଶି
ଶ୍ୟାମଳ କାନନେ ନିକାଞ୍ଚନେ ଗଲେ ପଶି ।୨୫।

ଶବସ୍ଥ ଜୀବନ୍ତ ଦେଖେ ବନେ ପଶୁ ପଶୁ
ଶରଘାତେ ମରିଥିଲେ ଯେ ବିହଗ-ପଶୁ ।୨୬।
ଶଙ୍କାହୀନେ ବୁଲୁଥିଲେ ତାଙ୍କ ପାଶେ ପାଶେ
ଶୁଦ୍ଧ ମାତୃସ୍ନେହ ଅବା ପାଇବାର ଆଶେ ।୨୭।
ଶୁଭେ ଏହିପରି ଗଳ୍ପ କେତେ ଦିବାନିଶି
ଶୈଶବେ ତା ଦେଖେ ଦୈବ ଲକ୍ଷଣ ପ୍ରକାଶି ।୨୮।
ଶୁଭଲଗ୍ନେ ଜାତ ହେଲା ରମ୍ୟ ଦିବ୍ୟଶିଶୁ
ଶୁଣା ରାମ-ରୂପ ଦେଖି ବହେ ଆନନ୍ଦାଶ୍ରୁ ।୨୯।
ଶ୍ଳଥ-ସ୍ତନୁ ଝରେ କ୍ଷୀର ବତ୍ସଳତା ବଶୁ
ଶଯ୍ୟା ତନୁ, ଉଡିଗଲା ଭାବନା-ଆକାଶୁ ।୩୦।

●

## ରାଗ-ବଙ୍ଗଳାଶ୍ରୀ

"ଶରୀରର ଅନୁଭୂତି କାହିଁ ? ଆଜ କାହିଁ ଭାବନା-ଆକାଶ ?
ଶ୍ଳଥ-ସ୍ତନ-କ୍ଷୀର ନୟନର ନୀର ବ୍ୟବଧାନ କଲା ନାଶ ।୧।
ଶାନ୍ତି ପାଇ ମଧ୍ୟ ଏ ମନ-ବାରଣ ବାରଣ ମାନେ ନା ଲେଶ
ଶରୀରେ ବିକାର ଜନ୍ମାଇ, ମୁଁ କାର ଦୃଢ଼ ରଖି ଦିଏ କ୍ଳେଶ ।୨।
ଶ୍ରୀରାମଙ୍କୁ ପର ନ ଭାବ ସେ ପର-ମାତ୍ମା-ଶ୍ୟାମ- ଅଙ୍ଗାକାଶେ
ଶୁଣିଛୁ ସେମାନେ ମିଶନ୍ତି ଯେ ମନେ ମମତା ମୂଳ ବିନାଶେ ।୩।
ଶଇଶବୁ କାମନାର ଆବର୍ଜନା ସବୁ କରି ସମାବେଶ
ଶତ୍ରୁତା ସାଧୁଛି ଏ ମନ କି ଥୋଇ ନ ମିଳିବା ଫଳ ଆଶ ।୪।
ଶୁଦ୍ଧ ନୁହେଁ ମୋର ମନ, ତେଣୁ କାହିଁ କାହିଁ କରଏ ପ୍ରବେଶ
ଶ୍ରୀରାମୁ ପ୍ରଭେଦ ରଚଇ ସେ କରି ମାୟା-ଜାୟା-ମାଆ ବେଶ ।୫।
ଶୂଦ୍ରା ନାରୀ ମୁହିଁ କିଛି ଜାଣି ନାହିଁ ଶୁଣିଛି ଯା ଉପଦେଶ
ଶ୍ରୁତି କହେ ଆତ୍ମା ପରମାତ୍ମା ମଧ୍ୟେ ପରଭେଦ ନାହିଁ ଲେଶ ।୬।
ଶେଯ୍ୟାରେ ଏପରି ଭାବୁଛି ତାପସୀ ଉଠିଲେ ହୁଏ ଅବଶ
ଶଙ୍ଖ ବ ସଙ୍ଖ ନାହିଁ ଦେଉଅଛି ଏବେ ଅରୁଣ ପ୍ରକାଶ ।୭।
ଶଶି ନାହିଁ ନଭେ ତମସା-ଗର୍ଭେ ଅଛି ଧରଣୀ ଆକାଶ
ଶର୍ବରୀଚରଙ୍କ ଶବ୍ଦ ମଧ୍ୟେ ମଧ୍ୟେ ନୀରବତା କରେ ନାଶ ।୮।

ଶ୍ରୀରାମଙ୍କ ମାୟା ଏହିପରି ଜୀବ ଜଗତେ ଥାଏ ପ୍ରକାଶ
ଶର୍ବରୀଚରଙ୍କ ଶଘ ପରି ଅହଙ୍କାର ଶାନ୍ତ କରେ ନାଶ ।୯।
ଶୁଦ୍ଧ ଧ୍ରୁବ-ଭାବ ପରି ଜ୍ଞାନ ଥାଏ ନରର ହୃଦନ୍ତ ପ୍ରକାଶି
ଶର୍ବରୀ ମାୟାର ଅନ୍ଧକାର ତାକୁ ପାରେ ନାହିଁ କେବେ ନାଶି ।୧୦।
"ଶଂଶୟ ମୁଁ କାହୁଁ ଅରଜିବ ଜ୍ଞାନ ଜାଣ ତୁମେ ଜଗଦୀଶ !
ଶୁଣି ଜାଣିଛି ମୁଁ ତୁମେ ବା'ର ନାହିଁ କେ କ୍ଷମା କଏ ବାଳୀଶ ।୧୧।
ଶଙ୍କା ମୋହର ଭାବନା ତୁମରି ଆସ ଫିବା ଥରେ ମିଶି
ଶାଣିତ-କୃପାଣ-ଧାର ଏ ସଂସାରେ ତୁମ ବଳେ ଯିବ ପଶି ।୧୨।
ଶଠ ଅଜ୍ଞାନତା କି କରିପାରିବ ? ଫୁଲିଲେ ତୁମ ଆଦେଶ
ଶମନ-ଜନକ ଆଗମେ ତମସା ରହିଲ କି କେଉଁ ଦେଶେ ? ।୧୩।
ଶୀର୍ଣ୍ଣ-ତନୁ ଆଜ ଜୀର୍ଣ୍ଣ-ମନ ଦିନୁ ଦିନ କରୁଛି ନିବାଶ
ଶିରଶ ହେ କିସ ଲୁଗୁଇବି ତୁମେ ସବୁ ଜାଣ ଜଗଦୀଶ ।୧୪।
ଶିଥିଳ ନ ହେଉଁ ତୁମେ ଦେଇଥିବା ତୁମ ଭକ୍ତି ମୋ ଆବେଶ
ଶ୍ରୀରାମ ଶରୀରେ ଅଭିରାମ ! ଥରେ ସତେ କରିବ ପ୍ରବେଶ ? ।୧୫।
ଶୁଦ୍ଧ ଥିଲେ ମନ ଆସିବେ ଆପଣ ଥିଲା ଗୁରୁ-ଉପଦେଶ
ଶ୍ରୀ ଗୁରୁଙ୍କ କଥା ହେବାର ଅନ୍ୟଥା ଆଶଙ୍କା ନାହିଁ ମୋ ଲେଶ ।୧୬।
ଶୋଧନ କିପରି ପାରିବି ମୁଁ କରି ମଳିନ ମୋ ମନ-ଦେଶ
ଶୁଚି ନ ହେଲେ କି ରୁଚି ହେବ ପ୍ରଭୁ ! କରିବାକୁ ପରବେଶ ।୧୭।
ଶୁଣିଛି ମୁଁ ତୁମେ ଦୀନ କାରଣରେ କର କରୁଣା ପ୍ରକାଶ
ଶୁଦ୍ଧ ଏହି ବାଣୀ ଯଦି ଚକ୍ରପାଣି ! ମୁଁ କିଆଁ ହେବି ନିରାଶ ?" ।୧୮।
ଶୁଭୁଁ ଏ ସମୟେ ବନ କୁକ୍କୁଟର ରବ. ସରିବାର ନିଶା
ଶବରୀ ଜାଣିଣ ଶଯ୍ୟା ଛାଡ଼ି. ଘାରେ ରାମ-ଦରଶନ ନିଶା ।୧୯।
ଶିଂଶପା ଶିଖରେ ଖଗ ଚଢ଼ିଲାଣି କାକ ଡାକେ କରାକଶ
"ଶୁଭ କାଳ ପରା ପଦନେ ଆଗନ୍ତୁ ଅଗନ୍ତୁକର ସନ୍ଦେଶ" ।୨୦।
ଶୁଷ୍କପତ୍ର ସଙ୍ଗେ ଆବର୍ଜନା ଯାହା କୁଟୀର ଆଗରେ ଦିଶେ
ଶ୍ରୀରାମ ଆସିଲେ କା ତେ ଲାଗିବ ବୋଲି ପକ ଉଡ଼ାଏ ହୁତାଶେ ।୨୧।
ଶୀଳ-କର୍ମ୍ମ ଦେଖେ ଥିଲା ଯା ସ୍ମରଣେ ଆବର୍ଜନାର ସାଦୃଶ୍ୟ
ଶବରୀ କି ନିଜ ଅଜାଣତେ ଦେଲା ବିରାଗ-ବହ୍ନିରେ ପ୍ରାଣ ? ।୨୨।

ଶୁଭ୍ର ଶୀଘ୍ର ଭଙ୍ଗା ମାଟିରେ ପାରିଲ ପୀଠ ଆସନ ସଦୃଶ
ଶେଷ ସୁନ୍ଦର୍ଯ୍ୟେ କଲ କୃପାପୋଷ୍ୟ ଦେଇ ଦେଇ କର ସ୍ପର୍ଶ ।୨୩।
ଶାନ୍ତ ହୃଦେ ସେହ୍ୱପର ହେଲ ପରି ଆବେଗ ପୀଠ-ସଙ୍କାଶ
ଶକ୍ତିମୟୀ ଭକ୍ତିଦେବୀ କୃପାପୋଷ୍ୟ-କାମେ ନିଯୁକ୍ତ ଅବଶ୍ୟ ।୨୪।
ଶ୍ରୀଚରଣ ଧୋଇବାକୁ ଜଳ ଆଣି ରଖି କୁଟୀରର ପାଶେ
ଶବରୀର ନେତ୍ର-ପାତେ ଜମେ ଜଳ ଶ୍ରୀପଦ ଧୋଇବା ଆଶେ ।୨୫।

ଶଢଲେ ପ୍ରାନ୍ତରେ ବୁଲି ତରୁତଳେ ଖୋଜି ସୁମନ ସୁଦୃଶ୍ୟ
ଶ୍ରୀରାମ ଆସିଲେ ରମଣୀୟ କରି କରିବ ପଥ ସୁବେଶ ।୨୬।
ଶ୍ୟାମଳମା-କୋଳେ ସୁଷମାର ଖେଳ ଦେଖି ଫୁଲ ସମାବେଶ;
"ଶ୍ୟାମ ଘନ-ଅଙ୍ଗେ" ଭାବେ "କେ ଆଗରୁ କରେ ଫୁଲ ବନବେଶ"
ଶାଖା ଚ୍ୟୁତ କଳିକାକୁ କୁସୁମରେ ହୁଏ ତା କରି ଅବଶ
ଶିଳ୍ପୀ ଗଢିଥିବା ଜନସ୍ତ ଖସାଇ ଖୋସି ଲଭନାହିଁ ଲେଶ ।୨୮।

ଶ୍ୟାମତରୁ ଶାଖେ ପଟ-ନେତେ ଦେଖେ ପ୍ରକୃତି କୁସୁମ-ବେଶୀ
"ଶବରୀ ସଜନ !" କହେ "ମୋ କବରୀ-ଫୁଲେ ଲୋଭ ଅନା ବେଶି" ।୨୯
"ଶ୍ରୀକାନ୍ତ ଏକାନ୍ତ ପ୍ରୀତିରେ ମୋ ପ୍ରତି ଆଦେଶିଛନ୍ତି ଏ ବେଶ
ଶୁଭକାମିନୀ ଗୋ ! ସୁମନ-କାମନା ତେଜି କମାଅ ମୋ କ୍ଲେଶ" ।୩୦।
"ଶଇଶବୁ ଅଷ୍ଟ ବାସନାର ଉସ୍ର ଭ୍ରାନ୍ତି ଯା ଫୁଲ ସଦୃଶ
ଶ୍ରୀରାମ ଚରଣେ ଅର୍ପଣେ କଲେ ଦୃଶ୍ୟ ହେବେ ସେ ଅଦୃଶ୍ୟ" ।୩୧।
ଶୁଣି ବୁଝିଲା କି ତପସ୍ୱିନୀ ଏହି ପ୍ରକୃତି ଦିଆ ସନ୍ଦେଶ
ଶପଥ କଲାଇ ନ ତୋଳିବ ଫୁଲ ମାନି ତା ଅନ୍ତର୍ନିର୍ଦ୍ଦେଶ ।୩୨।

ଶୁକ-ମୁଖ-ଚୁମ୍ବିତ ଫଳେକ ଦେଖି ଯେଉଁ ଏବେ ତାର ପାଶେ
ଶବରୀ ଭାବଇ "ଭାବବ ଭବଗ୍ରାହୀ ଆସିଲେ କି ଫଳ ଆଶେ" ।୩୩।
"ଶୁକ ଦ୍ୱିଜ ଦେହ ଧରନ୍ତି ବେଦେହ ରାଜ ଜେମା ଜୀବ ଈଶ
ଶରୀର ବଦଳ କଲେ ବି ଶ୍ରୀହରି, ରହିଛି ରଙ୍ଗରୁ ଲେଶ ।୩୪।
ଶୋଣିତାଭ ଥିବ ଅଧର ତାଙ୍କର ଏଣୁ ସେ ରଙ୍ଗର ଅଂଶ
ଶୁକ ଚଞ୍ଚୁ ପାଇ ଏବେ ବି ରଖିଛି ସେ ରଙ୍ଗର ଅପଭ୍ରଂଶ ।୩୫।
ଶାଖେ ଶାଖେ ଫଳ ଲକ୍ଷ ଲକ୍ଷ ରଖି ନରେନ୍ଦ୍ର ହୃଷୀକେଶ
ଶତ ଶତ ଜୀବ କେତେ ଯୁଗରେ ହରାନ୍ତି କ୍ଷୁଧା-କ୍ଲେଶ ।୩୬।

ଶ୍ୟାମାମ୍ରମାନ ସେ ଫଳରାଜ ଥାନ୍ତି ଝୁଲିଝୁଲି ତରୁ ଦେଶେ
ଶୁଦ୍ଧ-ଖାଦ୍ୟ ଯୋଗ୍ୟ ନହେଲେ ଆପେ ଆପେ ଖସିଥାନ୍ତି କା' ନିଦେଶେ
ଶିଶୁକାଳେ ସ୍ଥାନ ମାତୃକୋଳେ, ପରେ ଉଚିତ ଚରଣ-ଦେଶ
ଶିଷ୍ଟ ଜନେ ବାକ୍ୟ-ସମ୍ଭାର ନ ବାଢ଼ି ଦେଖାନ୍ତି କାମେ ଆଦର୍ଶ ।୩୮।

ଶରୀର ପରୋପକାରେ ଲଗାଇବେ ବୋଲି ପ୍ରଭୁ ପରମେଶ
ଶିରେ ପଦଧୂଳି ଘେନି ସୁମରନ୍ତି ଫଳେ ରାମ-ଗୁଣ-ଯଶ ।୩୯।

ଶିଶୁ ମାତୃ-ସ୍ତନ ନ ଛାଡ଼ିଲା ପରି ଯେଉଁ ଫଳ ଡାଳେ ଧରେ
ଶକ୍ତ ରହି ଡାଳୁ ଟଣା ହୋଇଅଛନ୍ତି ଟିକିଏ କେ ଅଦୃଶ୍ୟେ ।୪୦।

ଶାଖାଚ୍ୟୁତ ହେବା ଆଗୁ ବା ଅଚ୍ୟୁତ ଫଳ ରକ୍ଷା ସକାଶେ
ଶୁକ ଆଦି ରୂପ ନେଇ ବୁଲନ୍ତି କି ? ଫଳଗଛ ପାଶେ ପାଶେ ।୪୧।

"ଶ୍ରୀରାମ ମୋ ଫଳ-ପ୍ରିୟ ଜାଣି କମ୍ପା ନ ରଖିବ ଫଳ ପାଶେ"
ଶବରୀ ଏପରି ଭାବି ବୁଲି ବୁଲେ ଫଳ ସଂଗ୍ରହ ସକାଶେ ।୪୨।

— × —

ରାଗ - କଲ୍ୟାଣ ଆହାରୀ

ଶୁଭିଲା ଶ୍ରୀରାମ ପମ୍ପାସର ପାଶେ କରିବେ ଏବେ ପରବେଶ
ଶୀତଋତୁ-ଶତ୍ରୁ ହେଲା ପ୍ରଫୁଲ୍ଲିତ ଶୁଣୁ ଏ ଶୁଭଦ-ସନ୍ଦେଶ,
ଶତ୍ରୁ ବାହାର ହେଲା, ଯିବ ଦେଶ ବିଦେଶ
ଶୁଭ ଏ ବାରତା ପରଶି, ହରଷେ ହରିବ ଜନମନ-କ୍ଳେଶ ।୧।

ଶିହରଣ ନେଇ ତରୁଲତା ପାଇଁ ବସନ୍ତ କରୁଛି ପ୍ରବେଶ
ଶିରୀ ସବୁ ଜମା ହେଲେ ଅନୁପମା ଭୂଷିତ ହେବେ ବୋଲି ବେଶ
ଶ୍ୟାମ ରଙ୍ଗର ଅଙ୍ଗେ ଅଙ୍ଗେ ହେଲା ବିକାଶ
ଶ୍ରୀରାମ ଆସିବା ଆଗୁ ଅଙ୍ଗ-ରଙ୍ଗ ଆସିଲା କି ନେଇ ସନ୍ଦେଶ ? ।୨।

ଶ୍ରୀରାମ ସ୍ଥାବର ଜଙ୍ଗମେ, ଶରୀର ନ ଥାଇ ଅଛନ୍ତି ପ୍ରକାଶି
ଶୁଦ୍ଧ ଏହି ସତ୍ୟ କହିବା ନିମିତ୍ତ ଅଙ୍ଗ-ରଙ୍ଗ ଦେଲେ ବିକାଶି
ଶାଖୀ ସକଳେ ସାକ୍ଷୀ କଲେ କି ? ପରମେଶ
ଶ୍ୟାମ କିଶଳୟ-ରସନା ପ୍ରସାରି ଡାକୁକଲେ ସତ୍ୟ ପ୍ରକାଶ ।୩।

ଶିରରେ ବଉଳ-କିରୀଟ, ମଞ୍ଜୁଳ-ରସାଳ ଧରି ନବବେଶେ
ଶ୍ରୀରାମ ତ ରାଜ-ମୁକୁଟ ବଞ୍ଚିତ, ଏ ମୁକୁଟ ଦେବା ଉଦ୍ଦେଶ୍ୟ
ଶୁଭ ସ୍ୱାଗତ ପିକ-ସ୍ୱରେ ପରା ପ୍ରକାଶେ
ଶ୍ୟାମା ପ୍ରକୃତିର ସ୍ମିତ ଉକୁଟୁଛି ଅଧର-ଅଶୋକ ପଲ୍ଲବେ ।୬।

ଶୁଣାଇବ ରାମ-ବାରତା ମରୁତ ଭୁବନରେ କି ଅବଧ ଦେଶେ ?
ଶୀଘ୍ର ତେଣୁ ଗତି ବଦଳି ଦକ୍ଷିଣୁ ବହିଲାଣି ଉତ୍ତର ଦେଶେ
ଶୁଦ୍ଧ ସୁବାସ କାନନେ କାନନେ ପରଶେ
ଶଇଳେ ଶଇଳେ ଖୋଜେ କି ? ଆତ୍ମଜେ ଆସେ କି ପରମାତ୍ମା ପାଶେ
ଶ୍ରୁତ ହେଲା ଦ୍ରୁତ ଗତିରେ ତାପସ ସମାଜକୁ ଶୁଭ ସନ୍ଦେଶ
ଶୁଦ୍ଧ ଚେତା ଭରଦ୍ୱାଜ ଯାଜ୍ଞବଲ୍କ୍ୟ ଆଶ୍ରମେ କରି ପରବେଶ
ଶୁଭ ଆଶିଷ ମାଗି ଆସିଲେ ଅବଧେଶ
ଶାନ୍ତାକାର ଶାନ୍ତ ମନାଙ୍କୁ ସମ୍ମାନ ଦେଖାଇ, ଦେଖାନ୍ତି ଆଦର୍ଶ ।୭।

ଶୁଣି ଏହି ସମାଗମର କେଉଁ ତପୀ, ଅଭିମାନ ଚୂଳେ ପ୍ରବେଶି
ଶୁଣାନ୍ତି ପାଶରେ ଥିବା ତାପସଙ୍କୁ "ମୋ ଠାରୁ ସାଧକ କେ ବେଶି ??"
ଶୁକ୍ଳ ମସ୍ତକେ ବନ୍ଧା ଜଟାଭାର ନିର୍ଦ୍ଦେଶି
ଶୁଣାନ୍ତି "ଯେତିକି କେଶ ଅଛି ସେତେ ବର୍ଷ ଯୋଗେ ଅଛି ମୁଁ ପଶି"
ଶୁଭ୍ର ଭ୍ରୂଲତାର କେଶେ ଟଙ୍କା ନେଇ ବସ୍ତାରି କହେ କେ ଯୋଗୀଶ
"ଶତ ସମ୍ବତ୍ସର ନବଦ୍ୱାରେ ଠାକ ରହିଛି ଆସିବେ ବିଶ୍ୱେଶ
ଶ୍ରୀପତି ଯେବେ ଆସନ୍ତି, ଆସିବେ ମୋ ପାଶ
ଶ୍ରୀରାମ ସତତ ଧ୍ୟାନଗମ୍ୟ ଜାଣି ପାତିଛି ପରା ଧ୍ୟାନ-ପାଶ" ।୮।

ଶିଳାତଳେ ବସି ସାଧକ କେ ରହିଥିବେ" ଭାବି ଫଞ୍ଜ ହୁତାଶ
ଶତବର୍ଷ ମୋର ଗତ ହୋଇଅଛି ନବୁଝିବେ କି ପରମେଶ ?
ଶୁଭାଗମନ କରିବେ ଯେବେ ଜଗଦୀଶ,
ଶୁଦ୍ଧ ଆତ୍ମା ଜାଣି ସିନା ପରମାତ୍ମା ପ୍ରବେଶିବେ ଯାଇ ତା ପାଶ ।୯।
ଶଇଳ କନ୍ଦରେ ସଚ୍ଚିଦାନନ୍ଦରେ ଧ୍ୟାୟି ଯେ ରମନ୍ତି ରମେଶେ
ଶିର ଚନ୍ଦ୍ରେ ପ୍ରାଣ ନିବେଶି ଆଘ୍ରାଣ ପ୍ରତୀକ୍ଷା କରନ୍ତି ପ୍ରାଣେଶେ
ଶ୍ରବଣେନ୍ଦ୍ରିୟ ସମାଗମ-ବାର୍ତ୍ତା ପରଶୁ
ଶୁଷ୍କ ତନୁ-ତରୁ ରୋମାଞ୍ଚ ପଲ୍ଲବ ଧରେ ମାଘ ହରଷ ବଶୁ ।୧୦।

"ଶ୍ରୀରାମ ନ ଥିବା ସ୍ଥାନ କାହିଁ ? ରାମମୟ ଚରା ଏ ସାରା ବିଶ୍ୱ"
ଶାନ୍ତ କେଉଁ ତପୀ କହେ "ଯେ ଅଶାନ୍ତ-ଇନ୍ଦ୍ରିୟ ତାକୁ ନୁହେଁ ଦୃଶ୍ୟ
ଶରୀର ନେଇ ଆସିବେ ଯେବେ ହୃଷୀକେଶ
ଶଙ୍କା ନାହିଁ ସେହିପରି ଦିଶୁଥିବେ ଧ୍ୟାନେ ଯେପରି ଥାଆନ୍ତି ଦୃଶ୍ୟ" ।୧୧।
ଶାନ୍ତ ସମୁଦାର ବନ୍ଧୁ ମୁନି ଥିଲେ ରାମପଦେ ମନ ନିବେଶି
ଶରୀର ଶୋଭାରେ ଧାରଣା ତାଙ୍କର କଦାପି ନ ଥିଲା ପ୍ରବେଶି
ଶତବରଷୁ ନିମୀଳିତ ନେତ୍ର, ବିବଶୁ
ଶ୍ରୀରାମ-ରୂପ-ରତନ ଧରିବାକୁ ମାଜିହୁଏ କେବେ ପ୍ରେମାଶ୍ରୁ ।୧୨।
ଶବରୀ ଶ୍ରୁତିକି ଆସି ନ ଥିଲେ ବି ଶ୍ରୀରାମ ଆସିବା ସନ୍ଦେଶ
ଶବରୀ ଧଂସ ଦେଖେ ତପସ୍ୱିନୀ ଶ୍ରୀରାମ କଲେ କି ପ୍ରବେଶ ?
ଶୁଣାଇ ଯାହା ଶୁଣେ ରାମବାଣୀ ସଦୃଶ
ଶୋଭାର ଆଧାର ଉଭା ହେଲେ ଭାବ ଦ୍ୱାରରେ ହୁଅଇ ବିବଶ ।୧୩।
ଶ୍ରୀରାମଙ୍କ ଉପସ୍ଥାନ ଉପଲବ୍ଧି କରି ନ ବାହିଁ ବିବାନସି
ଶ୍ରମେ ସଂଗୃହୀତ ଫଳ ଭ୍ରମେ ଆଣି ଚରଣ-ବାସନେ ପରଶି
ଶୁକ୍ତି ପାତଇ ପ୍ରଭୁ-ଭାବରେ କେତେ ଆଶା
ଶୂନ୍ୟ ଦେଖି ତାହା ଦେଖିଥିବା ସ୍ଥାନ କହି ନୋହିବ ମନ-ଦଶା ।୧୪।
ଶିଥିଳ ନ ହୁଏ ଭକତି ତ ହାର ମାନସ ନ ହୁଏ ନିରାଶ
ଶ୍ରୀରାମ ଦର୍ଶନ ଭ୍ରମ ହେବ କାହିଁ ? ଭ୍ରମ ଯା ନାମେ ଯାଏ ନାଶ
ଶୁଣି ଜାଣିଛି "ଭକତ ପ୍ରୀତିରେ ସେ ଟା
"କେଉଁ ମଧୁ ହେ ! ପାଇବ ମୁଁ କାହିଁ? ନଦେଲେ ଭକତରୁ ଲେଶ ।୧୫।
ଶୁଣାଇ ଏମନ୍ତ ନିଜକୁ ଶବରୀ ମନୁ ପୋଛିଦିଏ ନୈରାଶ୍ୟ
ଶୁଖି ଯାଉଥିବା ଦିଆଫଳ ଯେ କି ଆଖିକି ହେଉଁ ତାର ଦୃଶ୍ୟ
ଶୀର୍ଣ୍ଣ ଅଞ୍ଚଳେ ସାଉଁଟିଲା ସେ ଫଳରାଶି
ଶାନ୍ତରେ କୀଟାଣୁ ଖାଆନ୍ତି ଦେଖଇ ସେଇ ଫଳ ମଧ୍ୟରୁ ପଶି ।୧୬।
ଶୋଚେ ତପସ୍ୱିନୀ "ମୋ ପ୍ରଭୁ ମୋ ପରେ ହୋଇ କରୁଣା-ପରବଶ
ଶ୍ରୀରୂପ ଲୁଚାଇ ବାଡିଥିବା ଫଳେ ଲୁଚି ଖାଉଛନ୍ତି ଅବଶ୍ୟ
ଶ୍ରୀରାମଠରେ ଆତ୍ମ ପରଭେଦ ପ୍ରକାଶି
ଶ୍ରୀପତି ମୋଠାରେ ଥାଇ ନ ଦେଖିଲି ଖୋଜୁଥିଲି ବୁଦ୍ଧି ବିନାଶି ।୧୭।

ଶୋଇ ପଡ଼ିଛି ମୋ ବିବେକ-ବିହଗ ବା'ରି ନ ପାରେ ହବା ନଶା
ଶୀର୍ଣ୍ଣ ନୟନେ ମୋ ଘରଳ ପଡ଼ିଛି ଘାରିଛି ଅହଙ୍କାର-ନଶା
ଶୀଳ! ସମାନ ମ୍ଳାନ ମୋର ହୃଦୟ-ଦେଶ
ଶ୍ରୀରାମ-ପଦେ ବି ବାଜ ନିରବଧି ନଏ ନାହିଁ ଅହମ୍ମା-ବେଶ ।୧୮।
ଶୋଇ ରହିଥିଲ ଶବ୍ଦ ଶବ୍ଦ ହନୁ ଜଠରେ ଜଠର-ହୁତାଶ
ଶ୍ରୀରାମ-ସେବିତ ଫଳ ଭ୍ରବ ଆଜି ତେଇଁ ଉଠି କରେ ବିବଶ
ଶାନ୍ତ ଆଶାରେ ଫଳ ନେଇଁ ବଦନ ପାଶ
ଶ୍ୟାମ-କଳେବର-ରାମ ଝଣିଟେଷେ ଦେଖିଲ ପରି ହେଲ ଦୃଶ୍ୟ ।୧୯।
ଶବରର ହାତୁ ଖସିଗଲା ଫଳ ଲଜେ ଖଟେ ସ୍ୱପ୍ନ-ଆକାଶ
"ଶ୍ରୀରାମ ଖାଇବା ନ ଦେଖି ଖାଇଲେ ଖାଇବା ହେବ କ୍ଷୁଧାବଶ"
ଶୋଚି ଏପରି କ୍ଷୁଧାସୁରକୁ କଲା ବଶ
"ଶ୍ୱେରେ ମୋ ତାଙ୍କୁ ଦେଖି ଦେଖୁନାହିଁ ତାଙ୍କଠି ହେବକି ମୁଁ ଦୃଶ୍ୟ ?

●

ରାଗ- ବଙ୍ଗଳାଶ୍ରୀ

ଶବରୀ ଯାଉଛି ସର୍ବହରା ହୋଇ ଅପ୍ରସନ୍ନ ଶବରୀଶ
ଶୁଭ୍ର ଅଭ୍ର-କୋଣେ ବନ୍ଦିନୀ ଶୁଭ୍ରାଂଶୁ ହସନ୍ତି ବଡ଼ ବିମର୍ଷ ।୧।
ଶୋଭାର ସଦନ ସୀତାଙ୍କ ବଦନେ ଥିଲେ କି ସତେ ଶୀତାଂଶୁ
ଶୀର୍ଣ୍ଣ କି ହେଣୁ ସତୀଙ୍କ ନୟନେ ମ୍ଳାଉଛି ଅସରା ଅଶ୍ରୁ ।୨।
ଶଶିପ୍ରିୟା କୁମୁଦିନୀ ମୂର୍ଚ୍ଛା ହୁଏ ଦେଖି ଶଶଧର ଦଶା
ଶଙ୍କ ରୁପସ୍ଥ ଥିବେ ଲଙ୍କାପୁରେ ଅବା ସତୀ ବନ୍ଦୀବେର-ତୃଷା ।୩।
ଶିକରୀ ଶିଖରେ ନସାରି କାକରେ ତୃସି କାନକୀ ଅଶ୍ରୁ
ଶପଥ ନେଲେ କି ଦେବ ହବାକର ଲିଭିବ ଜାନକୀ-ଅଶ୍ରୁ ।୪।
ଶୂକାଦ୍ଧ ଢହରେ ଦ୍ୱିଜରାବ ହେନ ଡାକିଲେ ଦ୍ୱିଜ ରାଜେଶେ
ଶବରୀ ସେ ଡାକେ ଉଠନ୍ତୁ ବାହାରି ହେଉଁଥି ଝରଣା ପାଶେ ।୫।
ଶୁଭ୍ର ହୃଚ୍ଛ-ନୀର-ମୁକୁରେ ଦେଖିଲ ମୁଖ ଦେଖୁଛି ଆକାଶ
ଶିରୀଶ ସର୍ଜ୍ଜନା ଦେଖି ତା ବସ୍ତୁପୁ ପ୍ରତି ବିମ୍ବରେ ପ୍ରକାଶ ।୬।

ଶ୍ରାନ୍ତ-ନିମୀଳିତ ନକ୍ଷତ୍ର-ନୟନେ ଲେଖି ରାମକୃତ-ଦୃଶ୍ୟ
ଶୀତାଂଶୁ ଆଲୋକ-ବର୍ତ୍ତିକାରେ ଦେଖେ, ଦୃଶ୍ୟ ନୁହେଁ ଯା ଅବଶ୍ୟ ।୭।

ଶରୀରରେ ଚନ୍ଦ୍ରଲତା ଯେନ ନଗେ ଜଳେ ଦେଇ ପ୍ରତିକାଶ
ଶ୍ରୀରାମ ଶରୀରେ ସଶରୀର ବୋଲି ଜଗେ କରନ୍ତି ପ୍ରକାଶ ।୮।

ଶବରୀର କର-ପରଶେ ଚହଲୁଁ ନୀର-ଦର୍ପଣେ ଆକାଶ,
ଶଶଧର-ତାରା-ଚନ୍ଦ୍ର-ଲତା ଗିରି ଅସଂଖ୍ୟ ଲଭେ ପ୍ରକାଶ ।୯।

ଶବରୀର ଏକ ଆନନ ଅନେକ ହୋଇ ହୁଏ ତହିଁ ଦୃଶ୍ୟ
ଶ୍ୟାମ ରାମ ପ୍ରତିରୂପ ଦିଶେ ତାଙ୍କୁ ଆବୋରିଲାର ସଦୃଶ ।୧୦।

ଶ୍ରୀରାମ ମଧ୍ୟରେ ନିଜେ ନିଜ ଦେହେ ବିଦେହ-ଜେମା-ଆବେଶ
ଶମ୍ପା ଗତିରୁ ପ୍ରଗତି ନେଇ କରେ ଅନୁଭୂତିରେ ପ୍ରବେଶ ।୧୧।

ଶାନ୍ତ କାନ୍ତ ରାମ ନ ଥିବାର ସ୍ଥାନ ନାହିଁ ନ ଜାଣିଲି ଲେଶ
ଶିବ ଧ୍ରୁବ ରାମ ମୋ ଭିତରେ ଥାଉଁ ଖୋଜି ରାମେ ଦେଲି କ୍ଲେଶ ।୧୨।

"ଶୋଚନାରେ ଶାନ୍ତି ପାଇବାକୁ କାହିଁ କେ ପାଇଛି ଅବକାଶ ?"
ଶବରୀ ବେଗୁରୀ ଏପରି ବିଗୃହ ପ୍ରତ୍ୟାଗତ କୁଟୀ ପାଶ ।୧୩।

ଶୀର୍ଣ୍ଣକାୟେ ଭିନ୍ନ ଅନୁଭୂତି ଏବେ ଏବେ କରିଛି ପ୍ରବେଶ
ଶାଶ୍ୱତ ସୁନ୍ଦର ରାମ ଦେଖେ ଯହିଁ କରଇ ଦୃଷ୍ଟି ନିବେଶ ।୧୪।

ଶ୍ରୁତିକି ଯା ଆସେ ରାମ ରାମ ଶୁଭେ ସ୍ମୃତିରେ ରାମ ଆବେଶ
ଶରୀର ଯା ଛୁଏଁ, କଲପରି ଲାଗେ ରାମ ପାଦ ପଦ୍ମ ସ୍ପର୍ଶ ।୧୫।

ଶେଷେ 'ରାମ ରାମ' ରସନା ପାନରେ ପୀୟୂଷ ଆଣି ପରଶେ
ଶ୍ରୀରାମ ପଦ ଅରବିନ୍ଦ ସୁବାସ ବସେ ଘ୍ରାଣେନ୍ଦ୍ରିୟ ପାଶେ ।୧୬।

ଶରୀର ଭିତରେ ଆତ୍ମା ପରମାତ୍ମା ହୋଇଗଲେ ମିଶାମିଶି
ଶୁଦ୍ଧ ଜ୍ଞାନ ସୂର୍ଯ୍ୟୋଦୟେ ପାହିଗଲା ଘୋର ଅଜ୍ଞାନତା ନିଶି ।୧୭।

ଶବରୀ ତା ଅନ୍ତର୍ଦୃଷ୍ଟି ଫେରାଇଣ ପକାଉଁ କାନନ ଦେଶେ
ଶ୍ରୀରାମ ଆସନ୍ତି ତେଜ ଅମ୍ବରେ ଦିଶନ୍ତି କା ଦେହପାଶେ ।୧୮।

ଶବରୀ ବ୍ୟଗ୍ରିତ କେ ଦେଖିଛି ଅବା ଲେଖିବ ସେ ରମ୍ୟ ବେଶ
ଶ୍ରୀରାମ ରମ୍ୟ ରୂପ ବର୍ଣ୍ଣିବା ପାଇଁ ରାମ ହିଁ ମଣିବେ କ୍ଲେଶ ।୧୯।

ଶରସନ-କର ମୁଷ୍ଟିରେ ତୂଣୀର ଜଟାଜୁଟ ଶିର ଦେଶେ
ଶତରାମ ରୂପ ଦୃଷ୍ଟିପଥାରୂଢ଼ ହେଉଁ ଝଶେ ଦଶ ଝଶେ ।୨୦।

ଶାଖୀ ଲତା ଘରେ ପଥରେ ପଥରେ ଦେଖ୍ ଅତଳେ ଆକାଶେ
ଶାଶ୍ୱତ ସେ ରୂପ ଥିଲା ଯା ଅନ୍ତରେ ବାହାରେ ଏବେ ବିକାଶେ

ଶୂନ୍ୟଜ୍ଞାନ-ତପସ୍ବିମା ଦେଖ୍ ଶୂନ୍ୟେ ଶ୍ରୀରାମଙ୍କ ଉପଦେଶ
ଶରୀର ନଜର ଥିବା ଜାଣିବାର ନ ପାଇଲା ଅବକାଶ ।୨୨।

ଶଇଳ-ଝରଣା ଘର ଯାଏ ଝରି ଲୁହଧାର ନେଇ ଦେଶେ
ଶବରୀ କି ସରେ ତରଳ କଣ୍ଠୁ ସ୍ୱରମେ ମିଶିବା ଆଶେ ।୨୩।

ଶଇଳୁ ଉଜାଡ଼ି ଆସେ କି ତଟିନୀ ପାରାବାରେ ଯିବ ମିଶି
ଶୁଦ୍ଧି ଲଭି ଜୀବ ପରମରେ ଯିବ ପରାପର ଭୁଲି ପଶି ।୨୪।

ଶୀକର ହୋଇ ଯେ ସାଗର-ସଲିଳ ଯାଇଥାଏ ମାଳାକାଶେ
ଶୀତଳତା ଲଭି ଝରିପଡ଼େ ଶେଷେ ସାଗରେ ମିଶିବା ଆଶେ ।୨୫।

ଶାନ୍ତ ପରମାତ୍ମା-ପାରାବାରୁ ଆତ୍ମା ଆସିଥାଏ ମରଦେଶେ
ଶୁଦ୍ଧି ଶୀତଳତା ଲଭି ପାଇଲେ ବା ପରମାତ୍ମା ଦେହେ ମିଶେ ।୨୬।

ଶୀଳ-ଗୁଣ ସବୁ ଲଭେ ବସ୍ତୁଗଣ ସଂହିତା ସାଗରେ ମିଶୁଁ
ଶବରୀ କି ସେହ୍ନି ବସ୍ତୁଗଣେ ପଡ଼େ ଶ୍ରୀ ରାମଙ୍କୁ କେଖି ପାଶୁ ।୨୭।

-ସ୍ୱର-ରାମକେଶୀ-

ଶତ୍ରୁଘ୍ନ-ସୋଦର ପଛରେ, ଆଗେ ବଇଦେହୀଶ
ଶିରେ ଜଟା କରେ କୋଦଣ୍ଡ ଘେନ କଲେ ପ୍ରବେଶ ।୧।

ଶ୍ରଦ୍ଧାରେ ମାନବ-ଶରୀର ନେଇଛନ୍ତି ଭବେଶ
ଶୁଦ୍ଧ ନର-ମାନ୍ତ ଆଚରି ସାଧିବେ ସ୍ୱଉଦ୍ଦେଶ୍ୟ ।୨।

ଶବରୀ-ଭବରେ ଭବତ ଧାବମାନ ରମେଶ
ଶୀଘ୍ର ଆସି ଭକ୍ତ-ବନ୍ଦନା ଶୁଣେ କଲେ ପ୍ରବେଶ ।୩।

ଶେଷ କରେ ଯେତେ ଭଜନା ନାରଦଙ୍କ ଆଶେ
ଶେଷଶାୟୀ ତାଙ୍କୁ ଝଣନ୍ତି ଜଳେ, ସ୍ଥଳେ, ଆକାଶେ ।୪।

ଶରୀର-ଜ୍ଞାନ ଯେ ହରାଏ ଅଶରୀରୀ ଉଦ୍ଦେଶେ
ଶାଶ୍ୱତ ହୋଇ ସେ ପ୍ରଭୁ ତାର ପାଶେ ପ୍ରବେଶେ ।୫।

ଶ୍ରଦ୍ଧ ଭକତରି ଭୋକଲ ପ୍ରଭୁଙ୍କ ପରମେଶ
ଶୁଦ୍ଧ ଭକ୍ତ ଦେଖି ଧାଆଁନ୍ତି ରତ୍ନେ ରଙ୍କ ସଦୃଶ ।୬।

ଶର୍କରା-ଆଘ୍ରାଣେ ଆସନ୍ତି ଯଥା ପିମ୍ପୁଡ଼ି ବଂଶ
ଶ୍ରୀରାମ ଆସନ୍ତି ହୋଇଣ ଶୁଦ୍ଧ ଭକତି ବଶ ।୭।

ଶିଶୁ କି ନ ପାଇ ଅନେକ ଦୁଃଖ ମାଆ-ପରଶା
ଶବରୀ ପାଖରେ କହନ୍ତି ରାମ ପ୍ରଥିତ-ଯଶା ।୮।

"ଶ୍ରାନ୍ତ କ୍ଷୁଧାଗ୍ନିରେ ଜନନୀ ! ଏବେ ମୁହିଁ ଅବଶ
ଶାନ୍ତ କର କିଛି ଖୁଆଇ ଯାହା ଅଛି ତୋ ପାଶ" ।୯।

ଶାନ୍ତ ନ ହେବାରୁ ବଜ୍ରାଗ୍ନି ମେଘ ଦେହରେ ଉଠି
ଶାମ୍ପ ମେଘ ଘୋର ରୂପ କେ ନୁଆଁ ଦେଲା ପ୍ରକାଶି ।୧୦।

ଶ୍ରବଣେ ଶ୍ରୀରାମ ବଚନ ଦ୍ରବିଗଲା ନାରୀଶ
ଶ୍ରୁତି-ସ୍ମୃତି-ସର୍ବ-ଇନ୍ଦ୍ରିୟ ଏବେ ହେଲେ ଅବଶ ।୧୧।

ଶାନ୍ତ ନୋହୁଥିଲା ଦର୍ଶନେନ୍ଦ୍ରିୟ-ଅସରା-ଆଶା
ଶ୍ରୀରାମ ଦର୍ଶନେ ଭଜିଲା ତେଣୁ ନଷ୍ଟମ ଦଶା ।୧୨।

ଶୁଣିଥିଲା ଯାହା ଅର୍ଚ୍ଚନା-ବିଧି ଗୁରୂପଦେଶେ
ଶୃଙ୍ଖଳା ନ ମାନି ବୁଲିଲେ ବିସ୍ମରଣ-ପ୍ରଦେଶେ ।୧୩।

ଶରୀର ରହିଲା ଅନାତ୍ମ, ପରମାତ୍ମା ପ୍ରବେଶେ
ଶବରୀ ନ ଜାଣେ 'ସେ କିଏ' ? କିଏ ଉଭା ତା ପାଶେ ? ।୧୪।

ଶକ୍ତି-ପ୍ରଫୁଲ୍ଲିତ-କଳର ଫଳ କୁଟୀରେ ଥିଲି
ଶାଳପତ୍ରେ ଆଣି ଅବଧ ଫଳ ଦେଲା ପରଶି ।୧୫।

ଶଙ୍କର ପ୍ରସାଦୁ ଶ୍ରୀରାମ, ତାର ନକେ ନାରୀଶ
ଶୁଦ୍ଧାଶୁଦ୍ଧ ଭାବ ନ ଜାଣି ଫଳେ ଆସ୍ୱାଦ ଲେଶ ।୧୬।

ଶୁଦ୍ଧ ସ୍ୱାଦ ଯେଉଁ ଫଳର ବାଛି ଆଗେ ବାଳୀଶ
ଶରଧାରେ ନିଛି ବଢ଼ାଉଁ ନେଇ ଯାନ୍ତି ଋଷେଶ ।୧୭।

ଶୋକ ହୋଇ ମୂର୍ତ୍ତି, ଶବରୀ ଜ୍ଞାନ କଲା ବିଭ୍ରଂଶ
ଶସ ରସ ଗୁଡ଼ କେବେ ବା ହଏ ମଞ୍ଜି କର୍କଶ ।୧୮।

ଶୂନ୍ୟଭକ୍ତ କରେ କେ ଫଳ, ଅତି ଆଗ୍ରହ ବଶେ
ଶ୍ରୀରାମଙ୍କ କରେ ବଢ଼ାଉଁ ଫଳ ପଡ଼େ ତା ପାଦେ ।୧୯।

ଶତସ୍ନେହ ଖଣ୍ଡି ଜନଙ୍କ ମୁଖେ ଅବାଧେ ପଶେ
ଶବରୀ ନ ଜାଣେ କି ହଏ ? କିବା ଯଜ୍ଞେ ପାତୁଛେ ? ।୨୦।

ଶ୍ରଦ୍ଧା ମୂର୍ତ୍ତିମନ୍ତ ହୋଇ କି ବସେ ଶବରୀ ବେଶେ ?
ଶୂନ୍ୟଜ୍ଞାନ କରି ବସାଇଅଛି ପ୍ରଭୁଙ୍କୁ ପାଶେ ।୨୧।

ଶାଶ୍ୱତ ସ୍ୱାଦ ଯା ନାମରେ ହେବ କି ସ୍ୱାଦେ ବଶ ?
ଶସ-ରସ-ସ୍ନେହ ସମାନ ସ୍ୱାଦ ତାକୁ ଅବଶ୍ୟ ।୨୨।

ଶୂରେଶ ଲକ୍ଷ୍ମଣ ଆସୀନ ଥାଇ ତାଙ୍କର ପାଶେ
ଶବରୀ ବା ରାମ କାହାର ନୟନକୁ ନ ଦିଶେ ।୨୩।

ଶବ ପାଲଟିଛି ଶବରୀ ନିଜ ନିଜତା ନାଶି
ଶ୍ରୀରାମ ବିନା ବା କାହାର ସ୍ମୃତି ତାକୁ କହଣି ? ।୨୪।

ଶଙ୍କ-ଜିତ-ଜେତା ଯା ଆଗେ ଦିଶେ ନିଜ ସଦୃଶ
ଶଇଶବୁ, ଆଜି କପରି ହେବ ଭିନ୍ନରେ ଦୃଶ୍ୟ ? ।୨୫।

ଶାସ୍ତ୍ରଜ୍ଞ-ଲକ୍ଷ୍ମଣେ ଯା ଦିଶେ ଲେଖା ମାନସ-ଦେଶେ
"ଶୁଭାଶୁଭ ଫଳ ଭକତ ଅର୍ପେ ପ୍ରଭୁଙ୍କ ପାଶେ ।୨୬।

ଶବରୀ ସେ ଯୁକ୍ତି ଭକ୍ତିକୁ ଯାଇ ପ୍ରଭୁ ଉଦ୍ଦେଶ୍ୟେ
ଶୁଭ କର୍ମ ଫଳ ସମର୍ପେ ରଖି ଅଶୁଭେ ପାଶେ ।୨୭।

ଶାସ୍ତ୍ର କହେ ଭକ୍ତି ନବଧା ଏବେ ହେଲା ଏ ଦଶ
ଶବରୀ ବିନା କେ ପାଇନ, ପାଇବନି ଅବଶ୍ୟ ।୨୮।

ଶୁଦ୍ଧ-ଜ୍ଞାନ-ନେତ୍ରେ ପରମ ଏବେ ଅଭିନ୍ନ ଦିଶେ
ଶ୍ରୀରାମଙ୍କୁ ଫଳ ଆସ୍ୱାଦ ପରେ ତେଣୁ ପରଶେ ।୨୯।

ଶକ୍ତି ପ୍ରଭୁଙ୍କର ଅମିତ, ଭକ୍ତି ତେଜ ତାଦୃଶ
ଶବରୀକୁ ରଖି ଅଛନ୍ତି ଅବା ପ୍ରଭୁ ସୀତେଶ ।୩୦।

ଶ୍ରୀରାମ ଶକତ, ଭକତ କେତେ କହେ କାଳୀଶ
ଶ୍ରୁତିଶ ନ ଜାଣେ ଜାଣନ୍ତି ନାହିଁ ଶଙ୍କ ସନ୍ତୋଶ" ।୩୧।

ଶବରୀ ଭଣନ୍ତି ଶ୍ରୀରାମ ଭ୍ରାବ-ରାଜ୍ୟରେ ପଶି
ଶ୍ରୀରାମ ହଜାନ୍ତି ନିଜକୁ ଭକ୍ତ ଭାବରେ ମିଶି ।୩୨।

ଶାନ୍ତ ଚିତ୍ତେ ଭ୍ରମୁ ସୌମିତ୍ରୀ ସେହି ଭାବ ପ୍ରଦେଶେ
ଶୁଣି ନ ପାରନ୍ତି ଚହଲ ଯେବେ ବନେ ପ୍ରବେଶେ ।୩୩।

ଶୁଭ୍ର ସେ ଚହଲ ନିସ୍ତବ୍ଧ ସେଇ ଆଶ୍ରମ-ଦେଶ
ଶୀଘ୍ର ଛୁଟିଗଲା ପୁରୁଷ ପ୍ରକୃତିର ଆବେଶ ।୩୪।

୨୨...ସ୍ୱଗ-ଋସକୁଲ୍ୟା

ଶ୍ରୁତି-ଉଚ୍ଚାରିତ ପ୍ରଭୁ ଉଦ୍ଦେଶ୍ୟ
ଶୁଭେ ସେ ଶବଦ ଆଶ୍ରମ-ଦେଶେ
ଶାଶ୍ୱତ ସୁଖ ନେଲା ଅବକାଶ
ଶୁଦ୍ଧ ବାତ୍ସଲ୍ୟ କଲା ପ୍ରବେଶ ଯେ
ଶବରୀ ସଙ୍ଗେ ସୀତେଶ ଯେ
ଶୀଳ-ଗୁଣ-ଭାବ ଫେରାଇ ଆଣିଲେ ଥିଲା ଯା ଋଷ୍ୟମୂକ-ବେ ଯେ ।୧।

ଶଙ୍କାର-ଉତାର ତେଜ ଆବେଶ
ଶ୍ରୀରାମଙ୍କୁ ସ୍ମୃତି ପାଇ ନିର୍ଦ୍ଦେଶ
ଶୀଘ୍ର ଗଲେ କୁଟୀର ବହିର୍ଦ୍ଦେଶ
ଶତଶତ ମୁନିଙ୍କ ସମାବେଶ ଯେ
ଶୁଣାନ୍ତି ପ୍ରଭୁଙ୍କ ପାଖେ ଯେ
"ଶତ୍ରୁଘ୍ନ-ଜଟା-ଧାରୀ ବହୁ ତପସ୍ୱୀ ଆସନ୍ତି ଦର୍ଶନ ଆଶେ" ଯେ ।୨।

ଶୂନ୍ୟେ ଉଭା ଥାଇ ମର୍ତ୍ତ୍ୟ ଆକାଶ
ଶୂଳପାଣି ପ୍ରଜାପତି ସୁରେଶ
ଶମନାଦି ସୁର-ସମାଜେ ମିଶି
ଶାନ୍ତେ ଦେଖୁଥିଲେ ଏ କୁଞ୍ଜ ରାଶି ରଞ୍ଜେ
ଶୋକ-ମୂର୍ତ୍ତି ରାମ ବେଶ ଯେ
ଶକ୍ତ କରିବାକେ ଯାଇ ନ ପାରନ୍ତି ହୋଇ ପ୍ରଭୁ-ପ୍ରେମେ ବଶ ଯେ ।୩।

ଶୃରପ୍ରସ୍ତୁ ନନ୍ଦ-କୁଟିରେ ରମେଶ
ଶ୍ରଦ୍ଧା ଜ୍ଞାପି ନରେଖନ୍ତି ଧ୍ୟାନେଶ
ଶମନେ ଭନସ୍ପ-ସ୍ନେହ ପ୍ରକାଶି
ଶୁଣାନ୍ତ ଏ ଜାବେ ନ ପାରୁ ନାଶି ଯେ
ଶତକାଳ ହେବେ ବଶ ଯେ
ଶଶି ସଙ୍ଗେ ମୁହିଁ ଏକ୍ଷ ବଶ୍ରୁଭୂଇଁ ଅଛୁଁ ଯାବତ ଅବଶ୍ୟ ଯେ ।୪।

ଶାନ୍ତ ଶୋଭାଯାତ୍ରା ସଙ୍ଗତେ ମିଶି
ଶାର୍ଦ୍ଦୂଳ ଭଲ୍ଲୁକ ଆସନ୍ତି ପଶି
ଶୂକର ହରିଣ କାନନ- ପଶୁ
ଶମ୍ବୁକ ଭୂଲି ଆଶନ୍ତି ଆଶୁ ଯେ
ଶୃଗାଳ ବାନର ବଂଶ ଯେ
ଶୂନ୍ୟକେନ୍ଦ୍ରଭକ୍ତେ କେବା କସେତ୍ତାକେ କେ ତାପସୀସ୍ତ୍ରଭ ବେଶ ଯେ ।୫।

ଶିଖୀ ଆଗେ ବୃଲେ ନୃତ୍ୟ ପରଶି
ଶିଖାରେ ଶ୍ରୀରାମ-ଚକ୍ଷୁ ବିକାଶି
ଶୋଭାଯାତ୍ରୀ ଦୃଷ୍ଟି ତହିଁ ନଦେଶୁଁ
ଶାନ୍ତ ନେଷ-ଚନ୍ଦ୍ର କନ୍ଧା ବଦଶୁଁ ଯେ
"ଶାନ୍ତ ନୂତର ସୁଦୃଶ୍ୟ ଯେ
ଶାଶ୍ବତ କାଳକୁ ଦରଶନ ଆଶା" ସତ୍ୟ ଅବଧି ପ୍ରକାଶେ ଯେ ।୬।

ଶ୍ରୁତି ପଢ଼ୁଥିଲେ ଯେଉଁ ଯୋଗୀଶେ
ଶୁକ ସାରୀ ଉଭେ ସେ ପାଶେ ପାଶେ
ଶ୍ରୁତି-ରୁଚିକର ସ୍ୱର ପରଶେ
ଶୁଣେ ଧରନ୍ତି ପାଳି ପ୍ରୀତି ବଶେ ଯେ
ଶୁଣେ ପୁଷ୍ପ ଦଶ ଦିଶା ଯେ
ଶକ୍ତି ଅନୁରୂପ ଭକ୍ତି-ପୁଷ୍ପ-ଡାଳ ଢ଼ାଳେ ପିକ କୃଷ୍ଣ-ବେଣୀ ଯେ ।୭।

ଶାସ୍ତ୍ରଜ୍ଞ ହେଲେ ଶ୍ରୀ ପରମେଶ
ଶ୍ରୀରାମ ଅଯୋଧ୍ୟାଖଣ୍ଡ ନରେଶ
ଶାନ୍ତ ସମାଗତ ମୁନିଙ୍କ ପାଶେ

ଶିର ନତେ ଜଗ ଆଶୀଷ ଆଶେ ଯେ
ଶ୍ରୀକର ଯୋଡ଼ି ସଂଦେଶ ଯେ
ଶତଶତ କରଯୁଗ ଯୋଡ଼ି ସ୍ତୁତି ପାଠ କରନ୍ତି ଯକ୍ଷେଶ ଯେ ।୮।

ଶୁକ-ସାରୀ-ପିକ ବହଗ ବଂଶ
ଶ୍ରୁତିକି ସୁଖ ଯା ଅବଶ୍ୟ
ଶ୍ରୁତି,ଛନ୍ଦେ ଗୀତ ଦେଲେ ପରଶି
ଶର୍କର ସଙ୍ଗେ କି ପୀୟୂଷ ମିଶି ଯେ
ଶୁଣାଗଲା ଦଶଦିଶ ରୁ ଯେ
ଶ୍ୟେନ ଆଦି ଶ୍ରେଣୀ ଗିଟି ବାଦ୍ୟକଲେ ସ୍ୱର ଯାହାଙ୍କ କର୍କଶ ଯେ ।୯।

ଶାନ୍ତ-ତପୀ-ନେତ୍ରୁ ଝରଇ ଅଶ୍ରୁ
ଶୋଇ ପଙ୍କ କରି କେତେକ ପଶୁ
ଶ୍ରୀପଦେ ବସି ସମାବେଶ ପାଶେ
ଶନ୍ତେ ଜିହ୍ୱା ଫେଇ ସ୍ତୁତି ପ୍ରକାଶେ ଯେ
ଶୁଣିବାକୁ କଣ୍ଠ ଆଶା ଯେ
ଶୋଇ ସେମାନଙ୍କେ ସେମାନେ ଗୃହୁଁ ଥାଆନ୍ତି ବଡ଼ାଇ ଦଶା ଯେ ।୧୦।

ଶିରେ ଜଟା ଦେହେ ତାପସ ବେଶ
ଶ୍ରୀରାମ ଜଗ, ଆଗେ ସମାବେଶ
ଶୁରେଶ ଲକ୍ଷ୍ମଣ ଜଗି ପାଛୁଶେ
ଶବରୀ ରହିଛି ବୁଡି ଆବେଶେ ଯେ
ଶାନ୍ତ-ଜ୍ଞାନ-ନେତ୍ରେ ଦରଶେ ଯେ
ଶୁଦ୍ଧ ଜ୍ଞାନ କର୍ମ-ଭକ୍ତି ମୂର୍ତ୍ତି ହୋଇଛନ୍ତି ଜଗେ ମର୍ତ୍ତ୍ୟଦେଶେ ଯେ ।୧୧।

ଶତ ଜନମର ସଂସ୍କାର ବଶେ ଶ୍ରୀରାମଙ୍କୁ ରଖି ଅନ୍ତର-ଦେଶେ
ଶନ୍ତେ ନେତ୍ର ମୁଦି ଥିଲେ ତପୀଶେ ଶ୍ରୀପଦାବ୍ଜ ପଶୁ ବିହଗ ବଂଶେ ଯେ
ଶ୍ରୀରାମେ ଦୃଷ୍ଟି ନିବେଶି ଯେ
ଶବରୀ ଦେଖି କେ ଋଷିତ୍ୱଏ ଦେହେ,ନେହେ କେ ଆଦରଆଶୀ ଯେ ୧୨

ଶୋଭାର ଆକର ଶ୍ରୀରାମ ବେଶ ଶତଧା କଳ୍ପିତ ଧାରଣା ବଶ
ଶଙ୍କର ବନ୍ଦ୍ୟ ହୋଇ ଆଗେ ବିଷ୍ଣୁ ଶାନ୍ତ ତପୀନେତ୍ର ବନ୍ଧ ଭବଣୁଁ ଯେ

ଶ୍ରୀରାମ ସ୍ମରଣ ଆଟେ ଯେ
ଶତଶତ କରଯୁଗ ପ୍ରସାରିତ ବାନ୍ଧନେବେ ବାହୁ ପାଶେ ଯେ ।୧୩।

ଶାନ୍ତେ ଥାଇ ସବୁ ଅନ୍ତରଦେଶେ ଶ୍ରୀରାମ ଜାଣି ସକଳ ଉଦ୍ଦେଶ୍ୟ
ଶୁଣାଇଲେ ବାଣୀ ସୁଧା ସଦୃଶ "ଶମ ସ୍ପର୍ଶେନ୍ଦ୍ରିୟ ହେ ତାପସୀଶ ! ଯେ
ଶିଷ୍ଟାଙ୍ଗୀ ସୀତା ପାସେ ଯେ
ଶ୍ୟାମ ଏ ଅଙ୍ଗ ଅଙ୍ଗୀକୃତ ହୋଇଛି ଦେଖୁ ନୁହେଁ କ ଉଦ୍ଦେଶ୍ୟ ଯେ
।୧୪।

"ଶୁଣାନ୍ତୁ ତବ କୁଶଳ ସନ୍ଦେଶ; ଶାନ୍ତ ଥାଆନ୍ତ ତ ଆଶ୍ରମ ଦେଶ ?
ଶ୍ରାଦ୍ଧ ତର୍ପଣରେ ନାହିଁ ତ କ୍ଲେଶ ? ଶୌଚ ସଂଯମେ ନୁହନ୍ତ ହତାଶ ? ଯେ
ଶୁଦ୍ଧ ଜଳ ମିଳେ ପାଣେ କି ?
ଶଙ୍ଖଚର ଉପଦ୍ରବ ନାହିଁତ ଯଜ୍ଞ ତପସ୍ୟା ବନାଶେ ଯେ ।୧୫।

ଶୁଣି ପ୍ରଭୁ-ବାଣୀ ପୀୟୁଷ-ମିଶା ଶ୍ରୁତିଙ୍କ ଶ୍ରୁତିକ ତାଳିଲ ନିଶା
ଶାନ୍ତ ସ୍ତବ୍ଧମୁଗ୍ଧ ହେଲେ ତପୀଶେ ହତବାକ ହେଲେସବୁ ବାଗୀଶେ ଯେ
ଶ୍ରୀରାମ ରୂପର ନିଶା ଯେ
ଶ୍ରାନ୍ତ ସ୍ପର୍ଶ-ଦର୍ଶନେନ୍ଦ୍ରିୟ ଆଗରେ ଥିଏକ ନୂତନ ଆଶା ଯେ ।୧୬।

ଶୁଣାନ୍ତୁ ଶ୍ରୀରାମ ମୁନି ଉଦ୍ଦେଶ୍ୟ ଶୁଭାକାଂକ୍ଷୀ ଅଛି ଯା ହୃଦଦେଶେ
ଶାନ୍ତ ହେବ ଭବ ଯୁଗେ ଅବଶ୍ୟ' ଶୁଦ୍ଧପ୍ରେମ ଥିଲେ ପ୍ରଭୁଙ୍କ ପାଶ ଯେ
ଶୂନ୍ୟ କ ତା ଯାଏ ମିଶି ଯେ
ଶୀଘ୍ର ନ ହେଲେ ବ ପ୍ରଭୁ କେତେବେଳେ କୃପାବଅଶ୍ରୁ ପରଶି ଯେ ।୧୭

## ୨୩--- ରାଗ "ବଙ୍ଗଳାଶ୍ରୀ

ଶୁକ୍ଳଶିର ଏକ ତାପସ ବୟସ୍କ ଶସ୍ତ୍ରଧର ଥିଲେ ଅ କୃଶ
ଶିଷ୍ୟ-ବୃନ୍ଦଙ୍କଙ୍କେ ଛେଣାସ୍ଥାନ ସେ ଯେ ଆସି ରାମ ସନ୍ନିବେଶ ।୧।
ଶିରନତେ ଗିର ପ୍ରକାଶନ୍ତି, "ମୋର ନୁହେଁ ସୁଲଭ ଏ ପାଶେ
ଶୁଦ୍ଧମୀର ପମ୍ପା ସର ଅନୁକମ୍ପା ନ କରେ ଆଶ୍ରମ ଦେଶେ ।୨।
ଶ୍ରୀ ପ୍ରଭୁ କରୁଣା ବଲେ କଛି ଉଣା ନାହିଁ ଏ କାନନ ଦେଶେ
ଶଙ୍ଖଚରଙ୍କ ଉପଦ୍ରବ ଏକ ଦୃଷ୍ଟାନ୍ତ କେବେ ନ ଦଶେ' ।୩।

ଶ୍ରୀରାମ ଅଳପ ହସି ବାକ୍ୟାଳାପ କରନ୍ତି ଭକତି ବଶ
"ଶବରୀର ପାବନ ତାହାର ଯେ ଜନ ହୃଦେ ଧରେ ପରମେଶ ।୪।

ଶ୍ରଦ୍ଧାବତୀ ସାଧ୍ୱୀ ଶବରୀ ବାସବୀ ଥାଇଁ ଏ ଆଶ୍ରମ-ଦେଶ
ଶୁଚି ହେବ ଜଳ ଅନିଳ-ଅନଳ ତାଙ୍କ ପାବନ ପରଶେ" ।୫।

ଶ୍ରୁତିରେ ଏ ଗିର ପଡ଼ନ୍ତି ଶବରୀର ହୃଦେଇ ଗଲା ଆବେଶ
ଶିର ନତ କରି ନ ଶୁଣିଲା ଶେଷ ଠିଆହେଲା ପ୍ରଭୁପାଶ ।୬।

ଶୁଦ୍ଧାନ୍ତର ଅଭ୍ର ମାମା ସେ ମୂରତି ଥାଇ ଶାନ୍ତ ସମାବେଶେ
ଶ୍ରୁଷ୍ଟ୍ର ସାଞ୍ଜଳିଣ ଅଶ୍ରୁ ସମ୍ବରଣେ ରତ ନିରତ ଅଦୃଶ୍ୟ ।୭।

ଶ୍ରୀରାମ ସଜଳ- ନୟନ-କମଳ ଶବରୀ ପରେ ନିକ୍ଷେପି
ଶୁଣାନ୍ତି" କୁ-ପୁତ ହୋଇବାରେ ଜାତ କୁମାଣ କାହିଁକ ହସି ।୮।

ଶ ନ୍ତନ୍ନହେଁ ପମ୍ପା ସରୋବର ଅବା ନ ପାଇ ତବ ପରଶ
ଶୁଦ୍ଧକର ତାକୁ ଶାନ୍ତ କର ତାକୁ ଅବଗାହି ତୃପ୍ତି ବଶ ।୯।

ଶତଶତ ଜୀବ-ସନ୍ତାନ, ଜନମୀ ଏହି ଜଳେ ରଖି ଆଶା
ଶୁଦ୍ଧ ନ ଥିବାରୁ ଜଳ, ଜଳ-ନେହେ ଫେରନ୍ତି ସକଳ ଆଶ" ।୧୦।

ଶ୍ରୀରାମଙ୍କ କୃପା କଣ୍ଠ ସ୍ୱର ସହ ପାଇ ସସ୍ନେହ ନିର୍ଦ୍ଦେଶ
ଶବରୀ ପଶିଲା ପମ୍ପା ସରୋବରେ ଗଙ୍ଗା ସ୍ମରି ଭକ୍ତି ବଶ ।୧୧।

ଶତଦଳ-ମୁଖେ ଉତ୍‌ଫୁଲ୍ଲିତ ସର ସ୍ଫୀତ ଲହରୀ-ଆବେଶେ
ଶ୍ରଦ୍ଧା ଜ୍ଞାପି, ସ୍ମିତ ହସୁଛି ଆସିଲା କୋକନଦ-ଓଷ୍ଠ-ଦେଶେ ।୧୨।

ଶିର ଟେକ ସରେ ସାରସ ସମାଜ ଚଞ୍ଚୁ ପକାଇ ବଶ
ଶୁଭ ସ୍ୱାଗତିକା ଜାକଳ ଛଳରେ ଉଚେ କଲେ ପ୍ରକାଶ ।୧୩।

ଶଫରୀ ନୟନେ ଖୁନ୍ଦିଲା ସରସୀ ଉଦ୍ଧ ପ୍ରଭୁ ତଟ ଦେଶେ
ଶୈବଳର ଲମ୍ବ-କଳେ ପାଣି ଛଳେ ଶ୍ରୀପାଦ-ପଦ୍ମ ପରଶେ ।୧୪।

ଶ୍ୟାମ-ସର-ଜଳେ ଶ୍ୟାମ-ରାମ-ଛାୟା କେଡ଼େ ମନୋରମ ଦିଶେ
ଶୁକଳ ତଗରେ ଭାସନ୍ତି ଆବଲେ ନିରୁପମ ଏହି ଦୃଶ୍ୟେ ।୧୫।

ଶବସନ କୂଳେ ଥୋଇ ପ୍ରଭୁଜଳେ କଲେ ହରଷେ ପ୍ରବେଶ
ଶ୍ରୀପାଣିରେ ପାଣି ଧରି ରଘୁମଣି ଢାଳିଲେ ଗୁଣ୍ଡି ହିଦେଶ ।୧୬।

ଶ୍ରୀପଦ-ନଖରୁ ଜନମି ଜାହ୍ନବୀ ପାବନୀ ହୋଇଛନ୍ତି ବିଶ୍ୱେ
ଶସ୍ତ୍ରବର୍ଗ ଥୋଇ କହିଲେ କି ଶ୍ରେଷ୍ଠ ଗଣା ନୁହେଁ ଏ ଅସ୍ପୃଶ୍ୟେ ।୧୭

ଶିରଚୋଳ ଯେବେ ଲୁହିଁଥିଲେ ନଭେ ଅର୍ଘ୍ୟ ଦେବାକୁ ଦିନେଶେ
ଶ୍ରୀଶାନ୍ତ ତାପସେ "ଯାଉଛନ୍ତି ଦିବସ, ଯାଉଛନ୍ତି ରହ ଛପିଶେ ! ।୧୮।

ଶିରପାନ୍ତି ହାତ ଯୋଡ଼ି ବନସ୍ପୁରେ ବିଦାୟ ନେଇ ସୀତେଶ
ଶବରୀର ସ୍ନାନ ସିକ୍ତ ଦେହ ଆସି ସମ୍ମୁଖେ କଲା ପ୍ରବେଶ ।୧୯।

"ଶିବେଶଭୂଷା ଏହି ତୀର୍ଥଙ୍କର" ବୋଲି ମୁନି ଗଲେ ସରେ ପଶି
ଶ୍ୟାମବଦନେ ରାମ ଗଲେ ସେତେବେଳେ ଶବରୀ ସଙ୍ଗତେ ମିଶି ।୨୦।

ଶ୍ରେଷ୍ଠ ମାରବତୀ ଅଗ୍ରଜ ଅଗ୍ରରେ ଭାବ ଲକ୍ଷ୍ମଣ ବୀରେଶ
ଶାଳୀନତା ରଖି ଯା ହୁଏ ତା ଲକ୍ଷି ରହିଥାନ୍ତି ପାଶ ପାଶ ।୨୧।

ଶୁଦ୍ଧ ଆତ୍ମା ସଙ୍ଗେ ପରମାତ୍ମା ରହିଲେ ବିବେକ ଥାଏ କି ପାଶେ
ଶବରୀ, ଶ୍ରୀରାମ, ଲକ୍ଷ୍ମଣ ଯିବାର ଜାଣି-ନେଷେ ଅବା ଦଶେ ।୨୨।

## ୨୪-ରାଗ-କେଦାର କାମୋଦ

ଶାଶ୍ୱତ ସୁଷମା ଆସେ ଜାଣି ନିଜ ଦେଶେ
ଶାନ୍ତବନ ମଗ୍ନ ଦରଶନେ ଏହି ଦୃଶ୍ୟେ ।୧।

ଶ୍ୟାମ-ପଦ୍ମ-ନେତ୍ର ବସ୍ତାରିତ ପ୍ରୀତି ବଶେ
ଶ୍ୟାମ ରାମ କାନ୍ତି ଦୁଷ୍ମନ୍ତ ଫଗୁଣ ସକାଶେ ।୨।

ଶିରଚୋଳ ତରୁତସ୍ଥ ଦେଖିବାର ଆଶେ
ଶାନ୍ତେ ଜଟୁଁ ଜଟେ ପ୍ରତିଯୋଗୀ ବେଶେ ।୩।

ଶକ୍ତି ନାହିଁ ଯା'ର ଜଟେ ଉଠିବା ସକାଶେ
ଶାନ୍ତ ଭଜେ ଶ୍ରୀଚରଣ ଦରଶନ ଆଶେ ।୪।

ଶୈଳେ ଜଟୁ ଜଟଳର କରି ଶୃଙ୍ଗଦେଶ
ଶିହରି ଯାନ୍ତି, ଶ୍ରୀହରି କଲାରୁ ପ୍ରବେଶ ।୫।

ଶିମୁଳି ସହିତ ମିଶି ଅଶୋକ ପଲାଶ
ଶୋଣିତାଭ ଓଠେ ସ୍ମିତ କରନ୍ତି ପ୍ରକାଶ ।୬।

ଶେଫାଳି ଆଗରୁ ପଡ଼ିଅଛି ଭୂମି ଦେଶ
ଶ୍ରୀଚରଣ ରେଣୁ ଅବା କରିବାକୁ ସ୍ପର୍ଶ ।୭।

ଶୁଭ୍ର ଫୁଲେ କୁନ୍ଦ ସୁନାରି ହୋଇ ବେଶ
ଶ୍ରଦ୍ଧାଞ୍ଜଳି ଦେବାଲାଗି ଛନ୍ତି ପାଶ ପାଶ ।୮।

ଶିଖୀ ଶାଖୀ ଶାଖେ ବସେ ଆଗ୍ରହର ବଶେ
ଶଙ୍ଖ ଧ୍ୱନି କରେ କୁମ୍ଭାଟୁଆ ମାର୍ଗ ପାଶେ ।୯।

ଶରଧାରେ ଚଢ଼ି ଡାଳେ ପିକ କୃଷ୍ଣକେଶୀ
ଶ୍ରୁତି ସୁଖକର ସ୍ୱରେ ବଜାଇଲା ବଂଶୀ ।୧୦।

ଶୁକ ସାରୀ ସଙ୍ଗେ ଆଉ ଅନ୍ୟ ପକ୍ଷୀ ମିଶି
ଶୁଭ ହୁଳି ହୁଳି ଧ୍ୱନି ଦେଲେ କି ପରଶି ।୧୧।

ଶ୍ୱାପଦେ ଆସନ୍ତି ପାଶେ ଖେଳୁଥାନ୍ତି ଶିଶୁ
ଶୃଙ୍ଗଟେକି ହରିଣୀଏ ଆସୁଥାନ୍ତି ଆଶୁ ।୧୨।

ଶଙ୍କାରେକି ମୃଗ ଏକ କରୁ ପରବେଶ
ଶିଳାତଟିରେ ପ୍ରଭୁ ନିଜେ କଲେ ଉପବେଶ ।୧୩।

ଶତଦଳ ନୟନରୁ ଝରିଗଲା ଅଶ୍ରୁ
ଶୁଖିଗଲା ଗୃହୁଁ ଗୃହୁଁ ବଦନ-ସୁଧାଂଶୁ ।୧୪।

ଶିବକଷ୍ଟ ଦେଖି ପ୍ରଭୁଙ୍କ ଏତାଦୃଶ ଦଶା
ଶଙ୍କାଗ୍ରସ୍ତା ହୋଇ ହେଲା ଚିନ୍ତାରେ ବିବଶା ।୧୫।

"ଶାନ୍ତ ତୁମେ ନିର୍ବିକାର ତୁମେ ପରମେଶ !
ଶିବ ତୁମେ ସତ୍ୟ ତୁମେ ସୁନ୍ଦର ରମେଶ ।୧୬।

ଶିବକଷ୍ଟ ସ୍ଥିତିରେ ଚିନ୍ତା କରି କି ଉଦ୍ଦେଶ୍ୟ
ଶୋକ କି ସମର୍ଥ କେବେ ତୁମ ସ୍ୱଚ୍ଛା ସ୍ପର୍ଶେ ? ।୧୭।

ଶୁଣାଇ ଏତିକି ନିଜେ ବସେ ପ୍ରଭୁ ପାଶ
ଶ୍ରୁତି-ଶ୍ରେୟ-ଭେଦ ମର୍ମ କରନ୍ତି ପ୍ରକାଶ ।୧୮।

"ଶାଶ୍ୱତ ଏ ଆତ୍ମା ଯେବେ ଆସେ ମର-ଦେଶେ
ଶରୀର ଯାହାର ଧରେ ରହେ ତାର ବଶେ ।୧୯।

"ଶାନ୍ତ ସେ ଅଶାନ୍ତ, ଦୂରେ ଥାଇ ରହେ ପାଶେ
ଶୂନ୍ୟରେ କାହାରେ ଥାଇ ରହେ ଅନ୍ତର୍ଦ୍ଦେଶେ ।୨୦।

"ଶୋକସ୍ଥାନ ହୁଏ ପୁଣି ଶୋକ-ସୁଖ-ବଶ
ଶୁଦ୍ଧ ଜ୍ୟୋତିଃପୁଞ୍ଜ କରେ ତମରେ ପ୍ରବେଶ ।୨୧।

"ଶରୀର ପିଞ୍ଜରେ ରହି ସ୍ୱଭାବର ବଶେ
ଶୋକ ସୁଖ ପରିସ୍ଥିତି ନେଇ ପରକାଶେ" ।୨୨।

ଶୁଣ ଆମେ ଥିଲୁଁ ଯେବେ ଗୋଦାବରୀ ପାଶେ
ଶାନ୍ତ-ବନବାସ-ସୁଖ ଆସ୍ୱାଦନ ଆଶେ ।୨୩।

"ଶଶିମୁଖୀ-ସୀତା-ନେତ୍ରେ ହରିଣୀ ସୁଦୃଶ୍ୟ
ଶୀଘ୍ର ଦୃଶ୍ୟ ହେଉଁ ପ୍ରିୟା ଲୋଭେ ହେଲେ ବଶ ।୨୪।

ଶ୍ରଦ୍ଧା ଜଣାଇଲେ ଲଭିବାକୁ ସେହି ପଶୁ
ଶମ୍ପାଗତି ନେଲା ତାର ପଛେ ବନେ ପଶୁ" ।୨୫।

"ଶର ପ୍ରହାରନ୍ତେ ନେଲା ନିଶାଚର ବେଶ
ଶବଦ 'ହାହା ଲକ୍ଷ୍ମଣ' ଶୁଭେ କୁଟୀ ପାଶ" ।୨୬।

"ଶୁଣି ତା ଲକ୍ଷ୍ମଣ ଗଲେ ବନେ ପରବେଶ
ଶୂନ୍ୟକରେ ଫେରୁଁ ଥିଲ ଶୂନ୍ୟ କୁଟୀଦେଶ ।୨୭।

ଶୂନ୍ୟ ହୃଦେ ବୁଲୁଁ ସେହି ବନୁ ଦେଶ ଦେଶ
ଶୁଣି ନ ପାରିଲୁଁ କାହିଁ ସୀତାଙ୍କ ସନ୍ଦେଶ ।୨୮।

"ଶୁଦ୍ଧ ଆତ୍ମା ତୁମେ ପରମାତ୍ମା ପ୍ରତିବେଶୀ
ଶତକାଳ-ଜୟୀ ତୁମେ ତିନକାଳ ଦର୍ଶୀ" ।୨୯।

"ଶୁଣାଇବ ବୋଲି କହି ସୀତାଙ୍କ ସନ୍ଦେଶ
ଶୁଭକାଙ୍କ୍ଷି ନେଇ ଆସିଅଛୁଁ ତୁମ ପାଶ" ।୩୦।

## ୨୫-ରାଗ-ନଟବାଣୀ

ଶାଳୀନ କାଳୀନ ଭାଷା ବନ ଦେଶେ
ଶୁଭୁଁ ପ୍ରତିଧ୍ୱନି ଶୁଭେ ସବୁ ଦିଶେ ।୧।

ଶ୍ରେଷ୍ଠ ପ୍ରେଷ୍ଠ ଭାଷା ସତ୍ୟ ଯା ପ୍ରକାଶେ
ଶିକ୍ଷା ସମର୍ଥ ସମର୍ଥନ ସକାଶେ ।୨।

ଶଇଳ-ସଲିଳା- ବଣ-ଦ୍ରୁମ ରାଶି
ଶ୍ୟାମାକାଶ ସଙ୍ଗେ ଦଶଦିଶ ମିଶି ।୩।

ଶ୍ରୀରାମଙ୍କ ଭାଷା କରିଲେ ପ୍ରକାଶ
ଶୁଦ୍ଧ ସତ୍ୟର ଏ ଶୁଭ ଅବକାଶ ।୪।

ଶୁଭଙ୍କର ହେଲା ଶବରୀ ସକାଶେ
ଶାଶ୍ୱତ ସତ୍ୟ ତା ଜ୍ଞାନ-ନେତ୍ରେ ଦିଶେ ।୫।

ଶରୀର-ବାସାକୁ ଫେରେ ଭାବ-ଦେଶୁ
ଶାନ୍ତ ନିଜ ଭାବେ ଆସଇ ଆବେଶୁ

ଶୁଣାଏ ପ୍ରଭୁଙ୍କୁ ତୁମେ ଜଗଦୀଶ !
ଶରୀର ନେଇ ଆସିଛୁ ମର ଦେଶ ।୭।

ଶିଖାଇ ଶିବାକୁ ନର-ଆଚରଣ
ଶରୀରେ ନିଜକୁ ଲୁଚାଅ ଅବଶ୍ୟ ।୮।

ଶବରୀ ମୁଁ ହୀନା ଅଜ୍ଞାନ-ବିବଶା
ଶରଣ ଚରଣେ କେବଳ ମୋ ଆଶା ।୯।

ଶ୍ରେଷ୍ଠତା ସେବକେ ଦେବାର ଉଦ୍ଦେଶ୍ୟ
ଶୁଣାଅ ସିନା ଆସିଛ ମୋର ପାଶେ ।୧୦।

ଶକ୍ତି ଏ ସୃଷ୍ଟିର ବଇଦେହୀ-ବେଶେ
ଶୂନ୍ୟ ଦେହ ହୋଇ, ଛନ୍ତି ପାଶେ ପାଶେ" ।୧୧।

ଶଙ୍କର ତାଙ୍କର ଅଛି କେଉଁ ଦେଶ
ଶୁଣାଇବ ମୁହିଁ ତୁମର ଉଦ୍ଦେଶ୍ୟ ।୧୨।

ଶ୍ରୁତଦେବ ଗୁରୁ ମତଙ୍ଗ ଯତୀଶ
ଶୁଣାଇଥିଲେ ଯା ଦେଉଁ ଉପଦେଶ ।୧୩।

ଶୁଣିବ ଜଗତ ଏହି ଅବକାଶେ
ଶ୍ରୀନାଥଙ୍କ ଇଚ୍ଛା; ତେଣୁ ମୁଁ ପ୍ରକାଶେ ।୧୪।

ଶ୍ରୁତି-ପରାୟଣ ଋଷିକୁଳ ଈଶ
ଶୁଦ୍ଧ ବୁଦ୍ଧ କୁଶଧ୍ୱଜ ଜ୍ଞାନାଧୀଶ ।୧୫।

ଶ୍ରୁତି ପଢ଼ୁଁ ମୁଖେ ଜହ୍ନୁଙ୍କ ନାସ୍ତିଶ
ଶ୍ରୁତିମତୀ ନାମ ସ୍ମରଣେ ପ୍ରକାଶ ।୧୬।

ଶୋଭା ସଜ୍ୟେ ନଜେ ବେଦପତି ପତି
ଶ୍ରେଷ୍ଠ କମଳାସ୍ୟ, ନେହେ ଯାହା ବଳି ।୧୭।

ଶ୍ରୁତାଶ ସେ ସବୁ ରଖିଥିଲେ ପାଶେ
ଶାଶ୍ୱତ ସୁଷମା ସଂଗ୍ରହର ଆଶେ ।୧୮।

ଶୁଣିଲେ ଋଧାତା ନଜେ ଜଗଦୀଶ
ଶଙ୍କର ବନ୍ଧୁବେ ଆସି ମର୍ତ୍ତ୍ୟ ଦେଶ ।୧୯।

ଶ୍ରୀପତି ପଦାବ୍ଜେ ଉପହାର ଅଶେ
ଶୋଭା-ପସରା ଯା ଥିଲା ତାଙ୍କ ପାଶେ ।୨୦।

ଶମ୍ପା-ଦ୍ୟୁତି ଦେଇ କଲେ ନାଶ କ୍ଳେଶ
ଶ୍ରୁତିମନ୍ତ ରୂପେ ଥିଲେ ବନ ଦେଶ ।୨୧।

ଶାନ୍ତ କୁଶଧ୍ୱଜ ମନେ ଥିଲା ଆଶା
ଶୀଳ-ଗୁଣ-ବନ୍ତ କନ୍ୟା ରୂପ-ଯଶା ।୨୨।

ଶ୍ରୀପ୍ରଭୁ ହାତରେ ସମର୍ପି ତପୀଶ
.ଶରୀର ତେଜିବେ ହେଜ ପରମେଶ ୨୩।

ଶାସ୍ତ୍ରିତ ଥିଲେ ସେ, ଦେଖି ଅବକାଶେ
ଶୁମ୍ଭ ଦୈତ୍ୟ ଆସି ନର୍ଦ୍ଧସ୍ତେ ବିନାଶେ ।୨୪।

ଶଙ୍କାତେଜି କନ୍ୟା, ଜନକ ଉଦ୍ଦେଶ୍ୟ
ଶୋଭେ, ତପେ ପ୍ରସଇବ ସେ ଅବଶ୍ୟ ।୨୫।

ଶୁଦ୍ଧ ହେମ-ରୂପ ତପସ୍ୟା-ହୁତାଶେ
ଶତଗୁଣ ହୋଇ ସତତ ବିକାଶେ ।୨୬।

ଶିର ଦଶ ବିଂଶ ବାହୁ ପଦ-ବିଂଶ
ଶ୍ରୁତୀଶ ପଙ୍କଜ ନିଃଶଙ୍କ ଲଙ୍କେଶ ।୨୭।

ଶ୍ରୁତିମନ୍ତ କନ୍ୟା ପାଶେ ପରବେଶି
ଶାନ୍ତ ହୃଦେଁ ଦେଖି କନ୍ୟା–ରୂପ-ରାଶି ।୨୮।

ଶୋଭାରେ ବହୁଧା ପ୍ରକୃତିର ବଶେ
ଶୀଳମ୍ଳାନ ହୁଏ ନର ନାରୀ ପାଶେ ।୨୯।

ଶୁଣାଇଲେ ଅନୁନୟ ଲଙ୍କାଧୀଶ
ଶୋଭା ଏତେଧର ଥିବା ବନଦେଶ; ।୩୦।
ଶୋଭନୀୟ ହୃଦେଁ ଆସ ଲଙ୍କାଦେଶ
ଶିରେଭୂଷାହେବ ମୋର ଗୋ ନାରୀଶ ! ।୩୧।

ଶୁଣିଲା ନାହିଁ ସେ ଥାଇ ତପ–ବଶ
ଶପ୍ତହେଲା ଦୈତ୍ୟ କରୁଁ କର ସ୍ପର୍ଶ ।୩୨।
ଶୁଣିଲରେ ମାତ ! ଲଭିବୁ ବିନାଶ
ଶେଷହେବ ଏଥିପାଇଁ ତୋର ବଂଶ ।୩୩।

ଶୁଣାଇ ଆପଣେ ରହିଲା ହୃତାଶେ
ଶକ୍ତି ମାନୀ ରକ୍ଷ ଫେରିଲା ହତାଶେ ।୩୪।
ଶ୍ରୁତିମନ୍ତ ଆସିଅଛି ସୀତାବେଶେ;
ଶମନ ରକ୍ଷର ଲଙ୍କାରେ ପ୍ରବେଶେ ।୩୫।

ଶୀତାଂଶୁ-ବଦନା ଥିବେ ଲଙ୍କା ଦେଶ
ଶରେ ପ୍ରଭୁଙ୍କର ମରିବ ଲଙ୍କେଶ ।୩୬।

ଶଠ ରୂପେ ଭଜୁଅଛି ଅସୁରେଶ
ଶକତି ତାହାର ପରୀକ୍ଷା ସକାଶ ।୩୭।

ଶବରୀ ବଚନ ଶୁଣି ଅବଧେଶ
ଶତ ଧନ୍ୟବାଦ କରିଲେ ପ୍ରକାଶ ।୩୮।

ଶୁଣି ତୁମଠାରୁ ସୀତାଙ୍କ ସନ୍ଦେଶ
ଶ୍ରୁତି-ମୁଖେ ହେଲ ପୀୟୂଷର ପ୍ରାଶ ।୭୯।

ଶୀଘ୍ର ଦେଖିବାକୁ ସୀତା ମୁଖ-ଶଶି
ଶାନ୍ତ ନୁହେଁ ଆଜ ଏ ମାନସ-ଜଶି ।୮୦।

ଶୁଭଙ୍କର ! ରହିବାକୁ ତୁମ ପାଶେ
ଶ୍ରଦ୍ଧା ଥିଲେ ବି ନ ପାରେ ଏ ସକାଶେ ।୮୧।

ଶାଳୀନତାରେ ମୋ ଦୋଷ ଥିଲେ ମିଶି
ଶୀଳ-ସିନ୍ଧୁ ନିଜ ଗୁଣେ ଦେବ ନାଶି ।୮୨।

ଶରୀର ନେଉଛି ସିନା ନିଜ ବଶେ
ଶାନ୍ତିରେ ରହିବ ମନ ତୁମ ପାଶେ ।୮୩।

ଶୁଭରେ ବିଦାୟ ଦିଅ ଶାନ୍ତ ଦୃଶା
ଶିଥିଳ ନୋହୁ ଏ ଭାବ ପ୍ରୀତି-ମିଶା ।୮୪।

ଶ୍ରୀରାମ ଗୁଲିଲେ ହସେ ଦଶ ଦିଶ'
ଶବସ୍ତ ଦୃଷ୍ଟିରୁ ହୁଅନ୍ତେ ଅଦୃଶ୍ୟ ।୮୫।

ଶରୀର ତା ଜଳେ ଯୋଗର ହୁତାଶେ
ଶମ୍ପା ସମ କରୁ ଯାଇ ଘନେ ମିଶେ ।୮୬।

। ଇତି ।

ଶ୍ରୀ ଭଗବାଦର୍ପଣ ମସ୍ତୁ